visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.138 Bhubaneswar Thursday July 14 2022 | ୨୫ତମ ବର୍ଷ ସଂଖ୍ୟା-୧୩୮ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ୨ଟି ପର୍ଯ୍ୟାୟରେ ୬ ଲକ୍ଷ ପରିବାର ପାଇନାହାନ୍ତି କୋଭିଡ୍ ସହାୟତା

ଭୁବନେଶ୍ୱର,୧୩।୭(ପି.ଏନ): କରୋନା ସମୟରେ ଜୀବନଜୀବିକା ପ୍ରଭାବିତ ହେଉଥିବାରୁ ଗରିବ ରାସନକାର୍ଡଧାରୀଙ୍କୁ ଓଡିଶା ସରକାର ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏଁ ସହାୟତା ଦେଇଥିଲେ । ଏହି ସହାୟତାକୁ ରାସନ କାର୍ଡଧାରୀମାନେ ନିଜର ମାସିକ ରାସନ୍ ସାମଗ୍ରୀ ସହ ନଗଦ ଆକାରରେ ନିଜ ଅଂଚଳର କଂଟ୍ରୋଲ ଡିଲର ମାଧ୍ୟମରେ ପାଇଥିଲେ । କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨.୦୯ଲକ୍ଷ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩.୬୪ଲକ୍ଷ ପରିବାର ଏହି ସହାୟତା ପାଇବାରୁ ବଂଚିତ ଅଛନ୍ତି । କେଉଁ ପରିସ୍ଥିତିରେ ସମ୍ପୃକ୍ତ ପରିବାରଗୁଡିକୁ କୋଭିଡ୍ ସହାୟତା ଦିଆଗଲାନି ତାହା ଏବେବି ଅସ୍ପଷ୍ଟ ।ଆଜି ବିଧାନସଭାରେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ରାଜ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ରାସନ କାର୍ଡଧାରୀ ପରିବାର ୯୫ଲକ୍ଷ ୫୧ହଜାର ୬୯୪ ଥିଲା । ଏବେ ତାହା ୯୫ଲକ୍ଷ ୮୫ହଜାର ୭୬୬ ଅଛି । ଏହି ରାସନକାର୍ଡଧାରୀ ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୩ଲକ୍ଷ ୪୨ହଜାର ୪୪ଟି ପରିବାର ଓ ଦ୍ୱିତୀୟ



ପର୍ଯ୍ୟାୟରେ ୯୨ଲକ୍ଷ ୨୧ହଜାର ୨୭୧ଟି ପରିବାରକୁ କୋଭିଡ୍ ସହାୟତା ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୯ହଜାର ୬୫୦ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩ଲକ୍ଷ ୬୪ହଜାର ୪୯୫ଟି ପରିବାର ନିଜର ମାସିକ ଆବଂଟିତ ଖାଦ୍ୟଶସ୍ୟ ଉଠାଇନାହାନ୍ତି । କିମ୍ବା ଏହି ସହାୟତା ନେଇନାହାନ୍ତି । ଗଞ୍ଜାମରେ ସର୍ବାଧିକ ପ୍ରଥମ ପର୍ଯ୍ୟାୟରେ ୩୨୩୦୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୨.୦୭ ଲକ୍ଷ ପରିବାର, ନୟାଗଡରେ ୭୪,୧୫୮ଟି ପରିବାର, ଖୋର୍ଦ୍ଧାରେ ୧୭୪୪୯ଟି ପରିବାର ଓ ପୁରୀରେ ୯୯୮୧ଟି ପରିବାର ସେମାନଙ୍କର ଖାଦ୍ୟଶସ୍ୟ ସହ ସହାୟତା ରାଶି ନେଇ ନଥିବା ଜଣାପଡିଛି ।ଏତେ ସଂଖ୍ୟକ ପରିବାର ନିଜର ମାସିକ ରାସନ ସାମଗ୍ରୀ ଓ ସରକାରଙ୍କ କୋଭିଡ୍ ସହାୟତା ନେଇନଥିଲେ ମଧ୍ୟ କେଉଁ କାରଣରୁ ସେମାନେ ଏଥିରୁ ବଂଚିତ ହୋଇଛନ୍ତି ସେ ନେଇ ସରକାରୀସ୍ତରରେ ଖୋଳତାଡ କିମ୍ବା ସେମାନଙ୍କ ପାଖରେ ଏହି ସହାୟତା ପହଂଚାଇବା ଦିଗରେ ସରକାର ଆନ୍ତରିକତା ଦେଖାଇନଥିବା ସ୍ପଷ୍ଟ ହୋଇଛି । ନଚେତ୍ ଏତେ ସଂଖ୍ୟକ ପରିବାର କୋଭିଡ୍ ସହାୟତାରୁ ବଂଚିତ ହୋଇନଥାନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ।

## ମାଲକାନଗିରିରେ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ମାଡ଼ ମାରିବା ଘଟଣାର ତଦନ୍ତ କରିବ କ୍ରାଇମବ୍ରାଂଚ

ଭୁବନେଶ୍ୱର, ୧୩।୭(ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଅଂଚଳରେ ଜଣେ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ମାଡ଼ ମାରିବା ଘଟଣାରେ କ୍ରାଇମବ୍ରାଂଚ ତଦନ୍ତ କରିବ। ବିଧାନସଭାରେ ବୁଧବାର ଦିନ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି। କ୍ରାଇମବ୍ରାଂଚର ଜଣେ ଆଇଜି ଏହି ଘଟଣାର ତଦନ୍ତ କରିବେ ବୋଲି ଜଣାପଡ଼ିଛି।
ସୂଚନାଯୋଗ୍ୟ ଆଦିବାସୀ ମହିଳାଙ୍କୁ ଏସଡିପିଓ ମାଡ଼ ମାରିବା ଘଟଣା ନେଇ ଆଜି ବିଧାନସଭା ହୁଲସ୍ଥୁଲ ହୋଇଥିଲା। ଗୃହରେ ଉଭୟ କଂଗ୍ରେସ ଓ ବିଜେପି ବିଧାୟକମାନେ ନାରାବାଜି କରିଥିଲେ। ବିଧାନସଭା ଶୂନ୍ୟକାଳରେ ଆଜି କଂଗ୍ରେସ ବିଧାୟକମାନେ ଚିତ୍ରକୋଣ୍ଡା ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀଙ୍କ ଗୁଣ୍ଡାରାଜ ପ୍ରସଙ୍ଗ ଉଠାଇଥିଲେ। କଂଗ୍ରେସ ସଦସ୍ୟଙ୍କ ଅଭିଯୋଗ ମୁତାବକ



ମାଲକାନଗିରିର ଆରଏସସି-୧୩ ଗ୍ରାମରେ ଗତ ଜୁନ ୭ ତାରିଖ ଦିନ ରାତି ଅଧରେ ପୁଲିସ ଗାଁରେ ପଶି ମହିଳାମାନଙ୍କୁ ମାଡ ମାରିଥିଲା। କୌଣସି ମହିଳା ଅଧିକାରୀଙ୍କୁ ସାଙ୍ଗରେ ନ ନେଇ ଗାଁରେ ପଶି ଗର୍ଭବତୀ ମହିଳା, ବୃଦ୍ଧା, ୧୪ ବର୍ଷର ନାବାଳିକାଙ୍କୁ ପୁଲିସ ମାଡ ମାରିଥିଲା। କଂଗ୍ରେସ ସଦସ୍ୟମାନେ ଏ ସଂକ୍ରାନ୍ତୀୟ ଫଟୋ ମଧ୍ୟ ଗୃହରେ ପ୍ରଦର୍ଶନ କରିଥିଲେ। କଂଗ୍ରେସ ଦଳ ମୁଖ୍ୟ ସଚେତକ ତାରା ବାହିନପତି କହିଥିଲେ ଯେ, ପୁଲିସ କର୍ମଚାରୀମାନେ ମଦ ପିଇ ଆତଙ୍କରାଜ କରିଥିଲେ ।

## ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡିଶାରେ କରୋନା ସ୍ଥିତିରେ ଆସିପାରେ ସୁଧାର : ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୩।୭(ପି.ଏନ): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଖୁବ ବଢିଥିବା ବେଳେ ଆଗାମୀ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡିଶା ଭଲ ସ୍ଥିତିକୁ ଆସିପାରେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଗତକାଲି ୫୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଉ ଏହାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ରଥଯାତ୍ରା ସରିଥିବାରୁ ସଂକ୍ରମଣ ବଢ଼ିପାରେ । ରଥଯାତ୍ରା ସରିଥିବାରୁ ନିଜ ନିଜ ଅଞ୍ଚଳକୁ ଫେରିଛନ୍ତି ଜନସାଧାରଣ ତେଣୁ ତାହା ଉପରେ ନଜର ରଖାଯାଇଛି କ୍ଷ କମ୍ୟୁନିଟିରେ ମଧ୍ୟ ପଜିଟିଭିଟି କେସ ରହିଛି ତେଣୁ ବିଭିନ୍ନ ଜିଲ୍ଲାରେ କଣ ପରିସ୍ଥିତି ରହୁଛି ତାକୁ ତର୍ଜମା କରାଯାଉଥିବା ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ଏହି ଲହରରେ ପ୍ରଥମ କୋଭିଡ ଜନିତ ମୃତ୍ୟୁ ହୋଇଛି କ୍ଷ ସେ କହିଛନ୍ତି ଯେ ଅନ୍ୟ ଲହର ପରି ସଂକ୍ରମଣ ବଢୁନାହିଁ ହେଲେ ଧୀରଗତିରେ ସଂକ୍ରମଣ ବଢୁଛି କ୍ଷ ନିୟମ ମାନିବା ସହ ଯେଉଁମାନେ ଟିକା ନେଇନାହାନ୍ତି ତୁରନ୍ତ ଟିକା ନିଅନ୍ତୁ କ୍ଷ କେତେ ବଢୁଛି, ବଢିବାର ଆକାର କଣ ଓ ଏହାର ଫାଟାଲିଟି କେତେ ଏହା ଉପରେ ଆମେ ସମ୍ପୂର୍ଣ୍ଣ ନଜର ରଖିଛୁ କ୍ଷ ତେଣୁ ବେଶୀ ଆନୁସଙ୍ଗିକ ରୋଗ ଥିବା ଲୋକଙ୍କ କ୍ଷେତ୍ରରେ ଏହା ପ୍ରଭାବ ପକାଉଛି ତେଣୁ ସେମାନେ ସଚେତନ ରହିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଅନ୍ୟ ରାଜ୍ୟରେ ଯେଉଁଭଳି କେସ ଖସୁଛି ତେଣୁ ଆକଳନ କରାଯାଇପାରେ ଯେ ଆଗାମୀ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡିଶା ଭଲ ସ୍ଥିତିକୁ ଆସିପାରେ। ତେଣୁ ବର୍ତ୍ତମାନ ଓଡିଶାରେ ଉପର ମୁହାଁ ଗ୍ରାଫ ରହିଛି ତେଣୁ ଏହା ବଢିଲା ପରେ ସମାନ୍ତରାଳ ହୋଇ କିଛି ଦିନ ରହିବା ପରେ ଧୀରେ ଧୀରେ ଖସିପରେ ବୋଲି ସେ କହିଛନ୍ତି।

### ମହିଳାଙ୍କୁ ଏସିଡ୍ ମାଡ, ଥାନାରେ ୨ ଅଟକ

କଟକ, ୧୩।୭(ପି.ଏନ): ମହିଳାଙ୍କୁ ଏସିଡ୍ ମାଡ କରିଛନ୍ତି ଦୁର୍ବୃତ୍ତ । ଏଥିରେ ମହିଳା ଜଣକ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ତିଗିରିଆ ମେଡ଼ିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ଏଭଳି ଏକ ବର୍ବୋରୋଚିତ ଘଟଣା ସାମ୍ନାକୁ ଆସିଛି । ଆଜି ସକାଳେ ଏହି ଘଟଣା ଘଟିଛି । ତେବେ କ'ଣ ପାଇଁ ଏଭଳି ଅମାନବୀୟ ଭାବେ ତାଙ୍କ ଉପରେ ଏସିଡ୍ ଆକ୍ରମଣ ହୋଇଛି, ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି । ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ତିଗିରିଆ ଥାନା ପୋଲିସ ତଦନ୍ତ ଚଳାଇଛି । ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି ।

### ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର, ୧୩।୭(ପି.ଏନ): ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେସୁରକ୍ଷିତ ରହିବା ପାଇଁ ମାସ୍କ ପିନ୍ଧିବାକୁ ଅପିଲ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ କୋଭିଡ ମହାମାରୀର ବିପଦ ଏଯାଏଁ ଟଳି ନାହିଁ। ଏହାର ସଂକ୍ରମଣରୁ ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାସ୍କ ନିଶ୍ଚୟ ପିନ୍ଧନ୍ତୁ। ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ। ସୂଚନାଯୋଗ୍ୟ ଯେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ୭୪୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ସମସ୍ୟା ଘେରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଜୟପୁର,୧୩।୭(ପି.ଏନ): ସରକାର ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ସହ ପିଲାମାନେ କିଭଳି ସ୍କୁଲ ମୁହାଁ ହେବେ ତାକୁ ଦୃଷ୍ଟିର ରଖି ସ୍ମାର୍ଟ କ୍ଲାସ ଠାରୁ ଆରମ୍ଭ କରି ସ୍ମାର୍ଟ ବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି,ଅନେକ ବିଦ୍ୟାଳୟର ରୂପାନ୍ତରିକରଣ କରିଛନ୍ତି କିନ୍ତୁ ବୋରିଗୁମ୍ମା ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାସ୍ତବ ଚିତ୍ର କିଛି ଅଲଗା ।ଏହି ବିଦ୍ୟାଳୟକୁ ଦେଖିଲେ ଲାଗୁଛି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ଭିତିଭୂମି ଯୋଗାଇବାରେ ଫେଲ ମାରିଛି ଶିକ୍ଷା ବିଭାଗ।୧୯୫୪ ମସିହାରେ ସ୍ଥାପିତ ବୋରିଗୁମ୍ମା ସଦର ମହକୁମା ରେ ଅବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ରହିଛକି ।ମୋଟ ୬୬୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ମୋଟ ନଅ ଗୋଟି ଶ୍ରେଣୀଗୃହ ରହିଛି। ବିଦ୍ୟାଳୟ ଟି ଆଜବେଷ୍ଟ ଛାତ ହୋଇଥିବା ଯୋଗୁଁ ଅନେକ ସ୍ଥାନରେ ଫାଟି ଆଁ କଲାଣି ଅଳ୍ପ ବର୍ଷା ହେଲେ ଶ୍ରେଣୀଗୃହ ରେ ପାଣି ଗୋଳୁ ଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଶ୍ରେଣୀଗୃହ ର ଝରକା ରେ ଉଇ ଲାଗି ସବୁ ନଷ୍ଟ ହୋଇଯାଇଛି ସେହି ଝରକା ଦେଇ ବର୍ଷା ଦିନେ ବର୍ଷା ପାଣି ଶ୍ରେଣୀଗୃହ ମଧ୍ୟକୁ ପ୍ରବେଶ କରୁଛି ।ଆଜବେଷ୍ଟିସ ଫାଟିବା ଦ୍ୱାରା ଦିନରେ ସୂର୍ଯ୍ୟ ରାତିରେ ଜୋହ୍ନ ଦେଖାଯାଉଛି। ବର୍ଷା ଯଦି ପୋଡିଲେ ସ୍କୁଲ ମଧ ଛୁଟି କରାଯିବ ଦେଖିବାକୁ ମିଳିଛି ।ଏହି ବିଦ୍ୟାଳୟଟି ୧୯୫୪ ମସିହା ରୁ ସ୍ଥାପିତ ହୋଇଥିବା ବେଳେ ଇତି ମଧ୍ୟରେ ୬୮ ବର୍ଷ ବିତିଯାଇଛି ।ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ମଧ୍ୟାନ ଭୋଜନ ଖାଇବା ପାଇଁ ଡାଇନିଂ ହୋଲ ର ବ୍ୟବସ୍ଥା ନାହିଁ ଫଳରେ ଖରା ବର୍ଷା ଶୀତରେ ପିଲା ଖୋଲା ଆକାଶ ତଳେ ଖାଇବାକୁ ପଡୁଛି ।ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି କିନ୍ତୁ ଫୋଳ ଶୁନ ।ଏହି ପୁରାତନ ବିଦ୍ୟାଳୟ ଟି ପ୍ରଶାସନ ର ଦୃଷ୍ଟି ତୁଆଳରେ ରହି ଯାଇଛି ବୋରିଗୁମ୍ମା ସଦର ମହକୁମା ମଧ୍ୟରେ ବିଦ୍ୟାଳୟର ଏପରି ସ୍ଥିତି କୁ ଦେଖିଲେ ଲାଗୁଛି ଦୀପ ତଳେ ଅନ୍ଧାର ।ଯେହେତୁ ସର୍ବଶିକ୍ଷା ଗ୍ରାଣ୍ଟ ପଞ୍ଚାୟତ କୁ ହସ୍ତାନ୍ତର କୋରାଯାଇଛି ଆମ ହସ୍ତରେ ତ ନାହିଁ ତଥାପି ବଦ୍ୟାଳୟ ପରିଚାଳନା କମିଟି ସହିତ ଆଲୋଚନା କରି ଯେ କୌଣସି ପ୍ରକାରେ ଆର୍ଥିକ ସୋହାୟତା ସମସ୍ୟା ର ସମାଧାନ କରିବି ବୋଲି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି ।ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନେକ ସମସ୍ୟାକୁ ନେଇ ଗତି କରୁଛି । ବର୍ଷା ଦିନ ଯଦି ବାରମ୍ବାର ସ୍କୁଲ ଛୁଟି ହୁଏ ତେବେ ପିଲା ମାନଙ୍କର କିପରି ଭୋବିଷ୍ୟତ ଗୋଡ଼ାଯିବ ତାକୁ ନେଇ ଏକ ବଡ ପ୍ରଶ୍ନ ଉଠୁଛି।

### ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ ହେବ ଓଡିଶା

ଭୁବନେଶ୍ୱର, ୧୩।୭(ପି.ଏନ): ଓଡିଶାକୁ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ୪୨୦ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଏମାନଙ୍କୁ ମୁଖ୍ୟତଃ ଢାବା, ହୋଟେଲ,ଗ୍ୟାରେଜ ଓ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରରୁ ଉଦ୍ଧାର କରାଯାଇଛି।

## ଲଘୁଚାପ ପ୍ରଭାବରେ ୫ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩।୭(ପି.ଏନ): ଦକ୍ଷିଣ ଉପକୂଳ ଓଡ଼ିଶା ଉପରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଏବଂ ତତ୍‌ସହିତ ଜଡିତ ସାମୁଦ୍ରିକ ଘୂର୍ଣ୍ଣିବଳୟ ସମୁଦ୍ର ପତନର ୭.୬ କିଲୋମିଟର ଉଚ୍ଚତାରେ ଦକ୍ଷିଣ-ପଶ୍ଚିମ ଦିଗକୁ ଅଗ୍ରସର ହେଉଛି। ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୬ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି କହିଛି । ଗୁରୁବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ଗଂଜାମ, ନୟାଗଡ଼, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୬ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ଏହି ସମୟ ମଧ୍ୟରେ ଖୋର୍ଦ୍ଧା, ପୁରୀ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଜଗତସିଂହପୁର, କଟକ, ଢ଼େଙ୍କାନାଳ, ଅନୁଗୁଳ, ସମ୍ବଲପୁର ଓ ସୋନପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୧୪ରୁ ୧୫ ତାରିଖ ମଧ୍ୟରେ ବରଗଡ, ନୂଆପଡା, ବଲାଙ୍ଗୀର , ସୋନପୁର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ କନ୍ଧମାଳ , ନୟାଗଡ, କଟକ, ଅନୁଗୁଳ, ଢେଙ୍କାନାଳ ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୁରଭଂଜଳ ଦେବଗଡ, ସୁନ୍ଦରଗଡ , ଝାରସୁଗୁଡା, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

## ଜଳୁଛି ଶ୍ରୀଲଙ୍କା: ସାମ୍ନାକୁ ଆସିଲା ସିଡିଏସ୍‌ଙ୍କ ବୟାନ, ପଦ ଛାଡିବାକୁ ବିକ୍ରମସିଙ୍ଘଙ୍କୁ ବିରୋଧୀଙ୍କ ପରାମର୍ଶ

କଲମ୍ବୋ,୧୩।୭(ପି.ଏନ): ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କା ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷ ଦେଶରୁ ଫେରାର ହୋଇଯିବା ପରେ ଲୋକମାନେ ଆନ୍ଦୋଳନକୁ ତୀବ୍ର କରିଛନ୍ତି। ଲକ୍ଷାଧିକ ଲୋକ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପୋଡାଜଳା ସାଙ୍ଗକୁ ଲୋକମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ରାଷ୍ଟ୍ରପତି ଭବନ ଓ ସଂସଦରେ ପଶି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଲୋକଙ୍କୁ ଆକ୍ରୋଶକୁ ନିୟନ୍ତ୍ରଣ କରିବା ପାଇଁ ସେନା ଓ ପୁଲିସ ଲାଗିଥିଲେ ମଧ୍ୟ ଏଯାଏ ସେତେଟା ଆଖି ଦୃଶିଆ ସଫଳତା ମିଳିନାହିଁ।ଏସବୁ ଭିତରେ ଶ୍ରୀଲଙ୍କାର ଚିଫ ଅଫ ଡିଫେନ୍ସ ଷ୍ଟାଫ(ସିଡିଏସ) ଜେନେରାଲ ଶାଭେନ୍ଦ୍ର ସିଲଭା ଲୋକମାନଙ୍କୁ ଆଇନଶୃଙ୍ଖଳା ପରିସ୍ଥିତି ବଜାୟୀ ରଖିବାରେ ସହଯୋଗ କରିବାକୁ ନିବେଦନ କରିଛନ୍ତି। ବିକ୍ଷୋଭକାରୀମାନେ ସାଧାରଣ ସମ୍ପତ୍ତି ନଷ୍ଟ ନ କରିବାକୁ ମଧ୍ୟ ସେ କହିଛନ୍ତି। ଜେନେରାଲ ସିଲଭାଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ସେ ଓ ଆର୍ମଡ ଫୋର୍ସର ମୁଖ୍ୟମାନେ ସଂସଦର ବାଚ୍‌ସ୍ପତିଙ୍କ ସହ କଥା ହୋଇଛନ୍ତି। ଏହି



ସମୟରେ ସେମାନେ ଦେଶର ସୃଷ୍ଟି ହୋଇଥିବା ଆର୍ଥିକ ଓ ରାଜନୀତିକ ସଙ୍କଟକୁ ସର୍ବଦଳୀୟ ବୈଠକ ଡାକି ସମାଧାନ କରିବାକୁ ବାଚ୍‌ସ୍ପତିଙ୍କୁ ପରାମର୍ଶ ଦେଇଥିବା ବିବୃତିରେ କହିଛନ୍ତି ।ସିଡିଏସଙ୍କ ପରାମର୍ଶ ପରେ ଶ୍ରୀଲଙ୍କା ବାଚ୍‌ସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ବୈଠକ ସନ୍ଧ୍ୟାରେ ଶେଷ ହୋଇଛି। ଏହି ସମୟରେ ସେମାନେ ପ୍ରଧାନମନ୍ତ୍ରୀ ରାନୀଲ ବିକ୍ରମସିଙ୍ଘ ?ଙ୍କୁ ଇସ୍ତଫା ଦେବାକୁ କହିଛନ୍ତି। ଏଥିସହ ନିର୍ବାଚନ ନ ସରିବା ଯାଏ ସଂସଦର ବାଚ୍‌ସ୍ପତି ଶ୍ରୀଲଙ୍କାର କାମଚଳା ରାଷ୍ଟ୍ରପତି ଭାବେ କାମ କରିବାକୁ ପ୍ରସ୍ତାବ ଦେଇଛନ୍ତି। ରାଷ୍ଟ୍ରପତି ଗୋଟବାୟା ଦେଶ ଛାଡି ଦେଇଥିବାରୁ ବାଚ୍‌ସ୍ପତି ବିକ୍ରମସିଂଘେଙ୍କୁ କାମଚଳା ରାଷ୍ଟ୍ରପତି ଭାବେ ନିଯୁକ୍ତ କରିଛନ୍ତି। ସେ ସେନା ଓ ପୁଲିସ୍‌କୁ ଆଇନ ଶୃଙ୍ଖଳା ବଜାୟୀ ରଖିବା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ଜରୁରୀ ପରିସ୍ଥିତି ଲାଗୁ କରିଥିଲେ। ହେଲେ ସନ୍ଧ୍ୟାରେ ବିରୋଧୀମାନେ ତାଙ୍କୁ ହିଁ ପଦ ଛାଡିବାକୁ କହିଛନ୍ତି ।ଏହି ପ୍ରସ୍ତାବ ପରେ ପୁଣିଥରେ ଶ୍ରୀଲଙ୍କା ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ବିକ୍ରମସିଂଘେ ପଦ ଛାଡିବେ କି ନାହିଁ, ସେକଥା ଏଯାଏ ସ୍ପଷ୍ଟ ହୋଇନାହିଁ। ମହିନ୍ଦା ରାଜପକ୍ଷ ଲୋକଙ୍କ ଆକ୍ରୋଶରୁ ପ୍ରଧାନମନ୍ତ୍ରୀ ପଦ ଛାଡିଥିଲେ। ଏହାପରେ ବିକ୍ରମସିଂଘେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। କିନ୍ତୁ ଏବେ ତାଙ୍କୁ ମଧ୍ୟ ପଦ ଛାଡିବାକୁ ବାଧ୍ୟ କରାଯାଉଛି ।ଏହି ସବୁ ଘଟଣା ପୂର୍ବରୁ ଆଜି ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ।

## ନିଲାମ ହେବ ଓଡିଶାର ୧୫ଟି ଖଣି ଓ ୧୬ଟି ଲଘୁ ଖଣିଜ ବ୍ଲକ

ଭୁବନେଶ୍ୱର, ୧୩।୭(ପି.ଏନ): ଖୁବଶୀଘ୍ର ଓଡ଼ିଶାର ୧୫ଟି ଖଣି ଓ ୧୬ଟି ଲଘୁ ଖଣିଜ ବ୍ଲକର ନିଲାମ ହେବ । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଖଣି ମନ୍ତ୍ରୀ ପ୍ରଫୁଲ ମଲ୍ଲିକ। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ବର୍ତମାନ ସୁଦ୍ଧା ୨ ଟି ଅବଧି ଶେଷ ହୋଇଥିବା ଖଣିଜ ଲିଜ ସମେତ ୩୭ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା ଶେଷ ହୋଇଛି। ୫-ଟି ପଦକ୍ଷେପ ଆଧାରରେ ଖଣିଜ ଉତୋଳନ, ମ୍ୟାପିଂ ପାଇଁ ଆଇଓଏମ୍ଏସ୍ ବ୍ୟବସ୍ଥା କରାଯାଇଛି । ଆଗକୁ ଆଉ ୧୫ଟି ପ୍ରମୁଖ ଖଣି ଏବଂ ୧୬ଟି ଲଘୁ ଖଣିଜ ବ୍ଲକର ନିଲାମ କରାଯିବ ।ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଚଳିତ ବର୍ଷ ମୋଟ ଖଣିଜ ପଦାର୍ଥର ଉତ୍ପାଦନ ୧୦୭.୫୪୬ ମିଲିୟନ ଟନ୍ ହୋଇଛି । ସେହିପରି ୧୦୦.୬୧୨ ମିଲିୟନ ଟନ ପରିବହନ ହୋଇଛି, ଯାହାକି ଦେଶରେ ଆବଶ୍ୟକ ହେଉଥିବା ଲୁହା ପଥରର ୫୦ ପ୍ରତିଶତ କେବଳ ଓଡିଶା ପୂରଣ କରୁଛି । ଆର୍ଥିକ ବର୍ଷ ୨୦୨୦-୨୧ରେ ୧୩,୭୯୧ କୋଟି ଟଙ୍କାର ଖଣି ରାଜସ୍ୱ ମିଳିଥିବା ବେଳେ ୨୦୨୧-୨୨ରେ ୪୯,୫୩୦ କୋଟି ଟଙ୍କାର ଖଣି ରାଜସ୍ୱ ଆସିଛି । ଚଳିତ ବର୍ଷ ବର୍ତମାନ ସୁଦ୍ଧା ୧୧,୮୮୭ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି, ଯାହାକି ବିଗତ ବର୍ଷ ତୁଳନାରେ ୨୧.୭୮ ପ୍ରତିଶତ ଅଧିକ ।ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ଖଣିଜ ପଦାର୍ଥ ଉତୋଳନ, ନିଲାମ ଓ ପରିଚାଳନାରେ ସର୍ବୋତମ ପ୍ରଦର୍ଶନ କରିଥିବା ଓଡ଼ିଶା ରାଜ୍ୟ ରାଷ୍ଟ୍ରୀୟ ଖଣିଜ ବିକାଶ ପୁରସ୍କାର ପ୍ରଦାନରେ ପ୍ରଥମ ପୁରସ୍କାର ଲାଭ କରିଛି । ଏ ବାବଦକୁ ରାଜ୍ୟ ୩ କୋଟି ଟଙ୍କାର ପ୍ରଥମ ପ୍ରାଇଜ ଗ୍ରହଣ କରିଛି। ଓଡିଶା ରାଜ୍ୟ ମାଇନ୍ସ ଏବଂ ମିନେରାଲ ଡେଭେଲପମେଂଟ ଆଣ୍ଡ ରେଗୁଲେସନ ଅଧିନିୟମ-୨୦୧୫ ଲାଗୁ ପରେ ଖଣିଜ ଆବଣ୍ଟନ କ୍ଷେତ୍ରରେ ଏକ ବିରାଟ ପରିବର୍ତନ ଆସିଛି। ଓଡିଶା ୨୦୧୫- ୧୬ ବର୍ଷ ଠାରୁ ଖଣିଜ ବ୍ଲକଗୁଡିକର ନିଲାମ ପ୍ରକ୍ରିୟା ସ୍ୱଚ୍ଛତା ଓ ସଫଳତାର ସହ ପରିଚାଳନା କରିଆସୁଛି। ରାଜ୍ୟ ସରକାରଙ୍କ ଉପରୋକ୍ତ ସଫଳତା ସହ ଅନ୍ୟାନ୍ୟ ଖଣିଜ ବ୍ଲକ ଗୁଡ଼ିକର ନିଲାମ ନିମନ୍ତେ ଦ୍ୱିତୀୟ ପୁରସ୍କାର ବାବଦକୁ ରାଜ୍ୟ ୨କୋଟି ଟଙ୍କାର ପୁରସ୍କାର ଲାଭ କରିଛି ।ଗତ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ୬ଷ୍ଠ ଜାତୀୟ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍ ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓଡିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପୁରସ୍କାର ଗ୍ରହଣ କରିଥିଲେ। ବିଧାନ ସଭାର ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ମଲ୍ଲିକ ଓଡ଼ିଶା ସରକାରଙ୍କ ଦ୍ୱାରା ଖଣିଜ କ୍ଷେତ୍ରରେ ୫ଟି ପ୍ରୟୋଗ ସହ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଓ ଖଣିଜ କ୍ଷେତ୍ରରେ ଓଡ଼ିଶାର ସଫଳତା ସଂପର୍କରେ ସବିସ୍ତୃତ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ କି, କୋଭିଡ ୧୯ ର ପରାଭବ ସତ୍ୱେ ଓଡିଶା ଖଣିଜ ଉତ୍ପାଦନ, ପରିବହନ, ଖଣିଜ ରାଜସ୍ୱ ସଂଗ୍ରହ, ଖଣିଜ ବ୍ଲକଗୁଡ଼ିକର ଭୂତତ୍ୱଭିତିକ ଉତୋଳନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଛି ଏବଂ ଦେଶରେ ଲୁହା ପଥର ଆବଶ୍ୟକତାର ୫୦ ପ୍ରତିଶତ ଓଡିଶା ପୂରଣ କରୁଛି ।

## ଭକ୍ତ ପାଇଲେ ନୀଳାଚଳ ଅବଢ଼ା

ପୁରୀ, ୧୩।୭(ପି.ଏନ): ଆଜି ନୀଳାଚଳ ଅବଢ଼ା ପାଇଛନ୍ତି ଭକ୍ତ । ଗତକାଲି ଶ୍ରୀଜୀଉମାନେ ନୀଳାଦ୍ରି ବିଜେ କରି ରତ୍ନସିଂହାସନରେ ଅଧିଷ୍ଠିତ ହୋଇଥିଲେ । ଏହାପରେ ଶ୍ରୀ ବିଗ୍ରହ ମାନଙ୍କୁ ସିଂହାସନରେ ରୁନ୍ଧା ଯାଇଥିଲା । ସ୍ନାନ ପୂର୍ଣ୍ଣିମା ଠାରୁ ପ୍ରଭୁଙ୍କୁ ଜ୍ୱର ହେବାରେ ଶ୍ରୀମନ୍ଦିରରେ ଅନ୍ନ ବ୍ୟଞ୍ଜନ ଭୋଗ ହୋଇନଥିଲା । ରଥଯାତ୍ରାରେ ମହାପ୍ରଭୁ ଯିବା ପରେ ରଥ ଉପରେ ଶୁଖିଲା ଭୋଗ, ଫଳମୂଳ ଅର୍ପଣ କରାଯାଇଥିଲା । ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିବା ପରେ ଆଡ଼ପ ଅବଢ଼ା ଭୋଗ କରାଯାଇଥିଲା । ବାହୁଡ଼ା ଦିନ ଖେଚୁଡ଼ି ଭୋଗ ଖାଇ ପ୍ରଭୁ ନାକଚଣା ଦ୍ୱାର ଦେଇ ରଥକୁ ପହଣ୍ଡି ହୋଇଥିଲେ । ବାହୁଡ଼ା ଦିନ ରଥ ଉପରେ ବିଭିନ୍ନ ନୀତି ଅନୁଷ୍ଠିତ ହେବା ସହ ଶୁଖିଲା ଭୋଗ ଅର୍ପଣ ହୋଇଥିଲା । ସୋମବାର ଅଧରପଣା ପରେ ଗତକାଲି ନିଳାଦ୍ରୀ ବିଜେ କରି ରତ୍ନ ସିଂହାସନରେ ବିରାଜମାନ କରିଥିଲେ ଚତୁର୍ଦ୍ଧାମୂର୍ତି । ଆଜି ମା ମହାଲକ୍ଷ୍ମୀଙ୍କ ହାତରନ୍ଧା ପ୍ରସାଦ ରୋଷ ଘରୁ ଆସି ରତ୍ନ ସଂହାସନ ନିକଟରେ ଭୋଗ ଲାଗି ହୋଇଥିଲା । ଏହି ଭୋଗ ଲାଗି ହେବା ପରେ ମହାପ୍ରସାଦକୁ ଭକ୍ତ ମାନେ ପାଇଥିଲେ । ନୀଳାଚଳରେ ଏହି ପ୍ରଥମ ଅବଢ଼ାକୁ ଭକ୍ତ ମାନେ ପାଇ ମହା ଆନନ୍ଦିତ ହେବା ସହ ବ୍ରାହ୍ମଣ ମାନଙ୍କୁ ଭୋଜନ ଓ ଦକ୍ଷିଣା ଦେଉଥିବା ଦେଖିବାକୁ ମିଳିଛି । ଅବଢ଼ା ଦର ଅଧିକ ହୋଇଥିବାରୁ ଏହା ଭକ୍ତଙ୍କୁ ବାଧିଛି ।

## ବିଏସଏନଏଲ ଓଡ଼ିଶା ସର୍କଲ ସିଜିଏମ୍ ଭାବେ ଦାୟିତ୍ୱ ନେଲେ ରୁଦ୍ର ନାରାୟଣ ପଲାଇ

ଭୁବନେଶ୍ୱର, ୧୩।୭(ପି.ଏନ): ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସି.ଜି.ଏମ୍) ଭାବେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି ରୁଦ୍ରନାରାୟଣ ପଲାଇ, ଆଇ.ଟି.ଏସ୍ । ଏହି ଅବସରରେ ସେ ଓଡିଶା ଦୂରସଂଚାର ପରିମଣ୍ଡଳରେ କାର୍ଯ୍ୟରତ ସମସ୍ତ ଉଦ୍ୟୋଗ ବ୍ୟବସାୟିକ କ୍ଷେତ୍ର ମୁଖ୍ୟ, ଅଧିକାରୀ, କର୍ମଚାରୀ ତଥା ବିଏସଏନଏଲର ଗ୍ରାହକମାନଙ୍କୁ ତାଙ୍କର ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସରକାରୀ ରାଷ୍ଟ୍ରାୟତ ସଂସ୍ଥା ବିଏସଏନଏଲ, ବନ୍ୟା ବାତ୍ୟା, ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ପ୍ରତିକୂଳ ପରିସ୍ଥିତିରେ ଦେଶ ତଥା ରାଜ୍ୟର ସମସ୍ତ ଭାଗରେ ଟେଲିଯୋଗାଯୋଗ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ।






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧା ଆଉ ଆପଣଙ୍କ ବିନା ଆଯୋଧା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** - ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** - ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** - ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜୁଲାଇ ୧୪

# ପାରଗ ଅପାରଗ



ସବଳ ଅତିବଳ ମାନେ ପାରଗ, ଦୁର୍ବଳ ହୀନବଳମାନେ ଅପାରଗ। ଦୁର୍ବଳମାନଙ୍କୁ ବଳ ରାଜା ଦେଇପାରନ୍ତି, ରୋଗ ଭୋକ୍ତା ସ୍ୱାସ୍ଥ୍ୟହାନି ଅବସ୍ଥାସମ୍ପନ୍ନଙ୍କୁ ଡାକ୍ତର ଓ ଔଷଧ ସବଳ କରାଇଥାନ୍ତି। ଅପାରଗ ଶିଶୁର କାନ୍ଦଣା ହିଁ ବଳ। ଏସବୁ ପାରଗ, ଅପାରଗର ଧାରା। ଭିନ୍ନ ଦୃଷ୍ଟିରେ ତର୍ଜମା କଲେ ବୁଝାପଡ଼ିବ ଯେ ସମୟ ଅନୁସାରେ ସମସ୍ୟା ଆଗତରେ ଯେ ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି ସେ ପାରଗ, ଯେ ହାରିଗଲା ଫେଲ ହୋଇଗଲା ସେ ଅପାରଗ ପୁଣି ଅପାରଗଙ୍କ ସାନ୍ତ୍ୱନା ବି ଧାରା କିଛି ଲଗାଯାଇଛି ଶତକଡ଼ା ଧାରା, ଏଥିରେ କେତେ ସଂଖ୍ୟାରେ ଅପାରଗ କେତେ ସଂଖ୍ୟା ପାରଗ ଧାର୍ଯ୍ୟ କରି କିଛି ତୋଷର ବ୍ୟବସ୍ଥା କରିଦିଆଯାଉଛି। ଭୋଟ ଲଢ଼େଇରେ ଜନମତ ଏକ ସ୍ଥାନ ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ପାଇଁ ନିଆଯାଉଛି। ଯେ ଅଧିକ ଭୋଟ ପାଉଛି ତାକୁ ହିଁ ଜିତାପଟରେ ନିଆଯାଉଛି। ଯେ ତାଙ୍କ ଠାରୁ କମ ଭୋଟ ପାଉଛନ୍ତି ତାଙ୍କର ତୋଷ କିଛି ନାହିଁ। ବରଂ ସେ ଲଢ଼ାଇରେ ହାର ଅର୍ଥହରା, ସମୟହରା ଏକ ପ୍ରକାର ଲାଞ୍ଛିତ, ଅପମାନିତ ସ୍ତରରେ ରହୁଛନ୍ତି। ଚାକିରୀ ପାଇଁ ଇଣ୍ଟରଭ୍ୟୁରେ ଜିତିଗଲେ ଚାକିରୀ ହୋଇଯାଏ, ଏପରି ଧାରାରେ ପୂର୍ବେ ଦରମା ହାର ଏକ ନିର୍ଦ୍ଦିଷ୍ଟ ହାରରେ ଧାର୍ଯ୍ୟ ରହି ସମୟାନ୍ତରକୁ ପଇସା, ପଦବୀ ବଢ଼ି ବଢ଼ି ଚାଲୁଥିଲା। ମାତ୍ର ଏମିତି ସମୟ ଆସିଗଲାଣି ଚାକିରୀ ପାଇଁ ପାଉଣା କେତେ ନେବେ ଚାକିରୀଆଙ୍କୁ ଏବେ ପଚରାଯାଉଛି। ଅବଶ୍ୟ କମ୍ପାନୀ, ଠିକାଦାରୀ, ଚାକିରୀରେ ଏପରି ନିୟମ ଲଗାଯାଇଛି। ଯଦି ପ୍ରାର୍ଥୀ ପଇସା ଅଧିକା କହୁଛି ଚାକିରୀ କାଳେ ନ ମିଳିବ? ଯଦି କମ୍ କହୁଛି କାମର ସମୟର ପରିସୀମାରେ ଧାର୍ଯ୍ୟ କାର୍ଯ୍ୟଟି ସାରି ସେ ଦିନର କାର୍ଯ୍ୟ ଅବ୍ୟାହତି ନେବା ସମୟ ଏମିତି ନିଜର ଖାଇବା ପିଇବା ଶୟନାଦିରୁ ସମୟ କାଟିବାକୁ ପଡୁଛି। କର୍ମଚାରୀଙ୍କ ମଧ୍ୟରେ ସ୍ଥାୟୀମାନଙ୍କର ଭବିଷ୍ୟତ ଅଛି। ଅସ୍ଥାୟୀମାନଙ୍କର ଭବିଷ୍ୟତ କିଛି ନାହିଁ ଅଥଚ ଅସ୍ଥାୟୀମାନେ ଯେତେ ଯେମିତି କାମ କରୁଛନ୍ତି ସ୍ଥାୟୀମାନେ ଏପରି ଠିକ୍ ସମୟରେ ଠିକ କାମ କରିବା ସବୁ କ୍ଷେତ୍ରରେ ସଠିକ ନୁହେଁ। ସ୍ଥାୟୀମାନେ ସ୍ୱ-ଚାକିରୀର ଦରମା ଦୃଷ୍ଟେ ନିଜର ଋଣ ନେବା ଆଦି କାର୍ଯ୍ୟ ସହଜରେ କରିପାରୁଛନ୍ତି, ଅଥଚ ଅସ୍ଥାୟୀମାନେ ପ୍ରକୃତରେ ଏସବୁରେ ଅପାରଗ। ସରକାର ରେଲବାଇ ଟିକେଟରେ, ଉଡାଜାହାଜ ଟିକଟରେ ଯାତ୍ରୀଙ୍କର ବର୍ଗୀକରଣ କରିଛନ୍ତି। ଦାରିଦ୍ର୍ୟ ନିର୍ଦ୍ଧାରଣରେ ଅନେକଙ୍କୁ ସହାୟତା ଏକ ନିର୍ଦ୍ଦିଷ୍ଟ କାନୁନରେ କରାଇଛନ୍ତି। ଯେକୌଣସି ଲୋକର ବୟସ ସର୍ବଦା ଯୁବକଯୁବତୀ ବୟସ ରଖାଇ ସଦାକର୍ମମୁଖର ରଖାଇ ନ ପାରେ। ଯେ ଶ୍ରମକରି ବିଭିନ୍ନ ଉପାୟ କରି ରୋଜଗାର କରୁଥିବେ ତାହା ସମୟକୁ ରୁଦ୍ଧ ହୋଇଯାଇପାରେ। ଅନେକ ବିୟୋଗର, ରୋଜଗାରୀ ମରିଯାଇପାରେ, ଦୈବୀ ଦୁର୍ଘଟଣା, ବଢ଼ି, ମରୁଡ଼ି, ମହାବାତ୍ୟା, ମହାମାରୀରେ ସମ୍ପତ୍ତି ହାନି ଲୋକ ମରଣ ବୃତ୍ତିଚ୍ଛେଦ ଆଦି ଘଟୁଛି, ଏଥିପାଇଁ ତୁରନ୍ତ ରାଜନଥିରେ ଏସବୁ ତଦାରଖ କରାଯାଇ କିଛି ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ସରକାର ଶୂନ୍ୟ ଟଙ୍କାରେ ବ୍ୟାଙ୍କ ଏକାଉଣ୍ଟ ଖୋଲି ଟଙ୍କା ମଧ୍ୟରେ ମଧ୍ୟରେ ଭରୁଛନ୍ତି ଲୋକଙ୍କୁ ପଡ଼ି ମାର୍ଫତ ଖାଦ୍ୟ ଦ୍ରବ୍ୟ ଦେଉଛନ୍ତି। ଏହାପୁଣି ବର୍ଷ ବର୍ଷ ହେଲେ ସେ ଲୋକଙ୍କର କ'ଣ ଉନ୍ନତି ହେଉଛି ତାହା ତଦାରଖ କେହି କରୁଛନ୍ତି କି? ଗ୍ରାମର ଜନସଂଖ୍ୟା କ'ଣ ବଢୁନାହିଁ ତେବେ କ୍ଷେତ୍ର ଚାଷରେ ଆସୁନାହିଁ କାହିଁକି? କ୍ଷେତ୍ର ପଡ଼ିଆ କାହିଁକି ରହୁଛି? ସରକାରଙ୍କ ହାତରେ ପ୍ରତି ଜମିଜମାର କାଗଜ ନକ୍ସା ଏବେ ଉପଲବ୍ଧ, କେଉଁ ଜମିରେ ଫସଲ ହେଲା ନ ହେଲା କେହି ରାଜସ୍ୱ କର୍ମଚାରୀ ତଦନ୍ତ କରି ପ୍ରକାଶ ପାଇଁ ରଖିଲେଣି କି? ସରକାର କେଉଁ ମନ୍ଦିରରେ କେତେ ଧନ ନିତ୍ୟ ଭକ୍ତ ଦେଉଛନ୍ତି, ଏଥିରେ ଯୋର ଦେଉଛନ୍ତି ହେଲେ ଚାଷଜମି କାହିଁକି ଚାଷ ନକରି ବ୍ୟକ୍ତି ପକାଇ ରଖିଛନ୍ତି ଏ ବିଷୟରେ କାହିଁକି ତଦାରଖ କରୁନାହାଁନ୍ତି? ସରକାର ଜଳସେଚନ ସୁବିଧା, ମଞ୍ଜି ସୁବିଧା ଦେଇବି, ଲୋକେ କେବଳ ଧାନ ଚାଷ କରି ଦେଇ ଅନ୍ୟ ସମୟ ଜମି ପଡ଼ିଆ କାହିଁକି ରଖୁଛନ୍ତି? ଏକଥା କ'ଣ ଜାଣିବା ଜରୁରୀ ନୁହଁ? ଅନ୍ୟ ରାଜ୍ୟରୁ ଆଳୁ, ପିଆଜ, ପନିପରିବା ଆମଦାନୀ କରାଯିବା କ'ଣ ସରକାର ଜାଣୁନାହାଁନ୍ତି? ତାହା ଏ ରାଜ୍ୟରେ କ'ଣ ହୋଇପାରିବ ନାହିଁ? ପ୍ରତି ପଞ୍ଚାୟତରେ କେତେ ଜମି ଅଛି କ'ଣ କ'ଣ ଚାଷ ହେଉଛି ଜଳସେଚନ ସୁବିଧା କେତେ? କେତେ କୃଷି ଶ୍ରମିକ, କେତେ ଶ୍ରମ ସେ ଗ୍ରାମରେ ବର୍ଗକୁ ଆବଶ୍ୟକ। କୃଷିଭିତ୍ତିକ କି କି ଶିଳ୍ପ ସେଠାରେ ହୋଇପାରେ ଏ ପାଇଁ ଲୋକଙ୍କୁ ବୁଝାଇ ଶିକ୍ଷା ଦେଇ ଗ୍ରାମଗୁଡ଼ିକର କ'ଣ ଅର୍ଥନୈତିକ ବ୍ୟୟ ଆଗେଇ ନେଇ ହେବନାହିଁ? ପୂର୍ବର ପାଟକ ବୃତ୍ତି ସ୍ୱାଧିନତା ପରେ ପରେ ବିଲୁପ୍ତ ହେଲେ ଲୋକଙ୍କ ଚଳନୀ ପାଇଁ ଯେତେ ପ୍ରକାର ଦ୍ରବ୍ୟ ଦରକାର ତାକୁ ବିଚାର କରି ତାର କୁଟୀର ଶିଳ୍ପ ଢ଼ାଞ୍ଚାରେ ତାଲିମ ଦେଇ କ'ଣ କାମ କରାଇ ହେବନାହିଁ। ସ୍କୁଟି, ମଟର ସାଇକେଲ, ଟ୍ରାକ୍ଟର, ପାୱାର ଟିଲର, ପାଣିପମ୍ପ ପରି ଯନ୍ତ୍ରଗୁଡ଼ିକ ମରାମତି କାମ ଗ୍ରାମ୍ୟଯୁବକମାନଙ୍କୁ ଶିକ୍ଷା ଦେଲେ କ'ଣ କିଛି ଜଟିଳତା ଅଛି କି? କାଠ ଟୁକୁରାରେ କବାଟ, ଚୌକାଠ ପ୍ରସ୍ତୁତି ଶିକ୍ଷା କ'ଣ ଦେଇ ହେବନାହିଁ? ଗ୍ରୀଲ ଗେଟ, ଝରକା ଲୁହାରେ ପ୍ରସ୍ତୁତି ଶିକ୍ଷା ଦେଇହେବନାହିଁ? ବଡ଼ି, ପାମ୍ପଡ଼, ଛତୁ ଏସବୁରେ ନାରୀମାନେ କ'ଣ ଶିକ୍ଷା ପାଇପାରିବେ ନାହିଁ। ଆଧୁନିକ ବସ୍ତ୍ର ସାୟାରରେ ବ୍ଲାଉଜ, ସାୟା ପ୍ରସ୍ତୁତି କ'ଣ ଗ୍ରାମ୍ୟ ନାରୀମାନେ କରିପାରିବେ ନାହିଁ? ନେତାଙ୍କୁ କେନ୍ଦ୍ରକରି ଗ୍ରାମ୍ୟ ଠିକାଦାରୀ କାର୍ଯ୍ୟମାନ ସାଧିତ ହେବା ଦେଖାଯାଉଛି। ଏହାକୁ ନେତା ନିରୀକ୍ଷଣ କରିପାରନ୍ତି ମାତ୍ର କାର୍ଯ୍ୟର ମୂଲ୍ୟାୟନ ଓ କାର୍ଯ୍ୟର ଶୁଦ୍ଧତା ପାଇଁ ଏକ ସରକାରୀ ସଂସ୍ଥା ଓ ସ୍ଥାନୀୟ ପଞ୍ଚାୟତ ସ୍ତରର ଲୋକେ କରିଲେ ଅର୍ଥ ବାଟମାରଣା କମ୍ ହୁଅନ୍ତା। ପଞ୍ଚାୟତରେ ଏମିତି ବ୍ୟବସ୍ଥା ଯୋଡ଼ାଯାଉ ଯେଉଁ ବ୍ୟକ୍ତି ବୃତ୍ତି ଉଦ୍ଦେଶ୍ୟରେ ଗ୍ରାମ ଛାଡୁଛନ୍ତି, ସେମାନଙ୍କର ସ୍ଥିତି ଓ କେଉଁ ସଂସ୍ଥାରେ କାମ ମୁତୟନ ଅଛନ୍ତି ତାହା ନୋଟ୍ ହୋଇ ରହୁ। ଅନେକ ବିଦେଶରେ ଚାକିରୀ ପାଇଁ ଯାଇ ସେଠାରେ କିଛି ଅସୁବିଧା ଭୋଗିଲେ ତାଙ୍କର ବ୍ୟକ୍ତିଗତ ଜୀବନ ଅନେକଙ୍କୁ ଅଜଣା ରହୁଛି। ପାଠକେ ଏଥିରେ କ'ଣ ପାରଗ, କ'ଣ ଅପାରଗ ବିଚାର କରନ୍ତୁ। ଲୋକେ ପାରଗ କି ସରକାର କର୍ତ୍ତୃପକ୍ଷ ପାରଗ ଏହା ଭାବନ୍ତୁ। ସରକାର କେବେ ଅପାରଗ ନୁହଁନ୍ତି, ହେଲେ ମାନସିକ ସ୍ତରରେ ଭିନ୍ନମନା ହୋଇ ସମୟ ଦୃଷ୍ଟେ ପାରଗ ହୋଇପାରୁନାହାଁନ୍ତି।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଆଜିର ଅନୁଚିନ୍ତା

ବାଲି ଯେପରି ରୁକ୍ଷ ଓ କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଆଦିଗୁରୁ ଶଙ୍କରାଚାର୍ଯ୍ୟ

ଦେବାଶୀଷ ଶତପଥୀ

*"ନାରାୟଣ ସମାରଭ୍ୟାମ, ଶଙ୍କରାଚାର୍ଯ୍ୟ ମଧ୍ୟମାମ୍, ଅସ୍ମାଦ୍ ଆଚାର୍ଯ୍ୟ ପର୍ଯ୍ୟନ୍ତାମ, ବନ୍ଦେ ଗୁରୁ ପରମ୍ପରାମ୍।।"*



ଜ୍ଞାନୀଗୁଣୀ, ତ୍ୟାଗୀ ତପସ୍ୱୀଙ୍କ ଦେଶ ହେଉଛି ଭାରତ। ଭାରତର ପ୍ରକୃତ ଅର୍ଥକୁ ଯଦି ଦେଖିବା ତ' 'ଭା'ର ଅର୍ଥ ଜ୍ଞାନ ଓ 'ରତ'ର ଅର୍ଥ ଲିପ୍ତ ରହିବା ଅର୍ଥାତ ଜ୍ଞାନରେ ସବୁବେଳେ ଲିପ୍ତ ରହିଥିବା ଦେଶ ହେଉଛି ଆମ ଭାରତ। ଭାରତୀୟ ଜ୍ଞାନର ମୂଳ ଆଧାର ହେଉଛି ଆମ ଧର୍ମ, ସଂସ୍କୃତି ଓ ପରମ୍ପରା। ଏହି ଧର୍ମ ଓ ସଂସ୍କୃତି ଯେବେ ମଧ୍ୟ ବିଲୁପ୍ତ ହେବାକୁ ଲାଗିଛି ସେହି ସମୟରେ ଏହାର ପୁନରୁଦ୍ଧାର ପାଇଁ କେତେ ଯେ ମହାମନିସୀ ଜନ୍ମ ନେଇ ଏହାର ଗାରିମାମଣ୍ଡନ କରିବା ସହ ଏହି ମାଟିର ମହକରେ ସାରା ବିଶ୍ୱକୁ ମହକିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ସ୍ୱତନ୍ତ୍ର ପରିଚୟ ରହିଛି।

ଆଜିଠୁ ଅଢେଇ ହଜାର ବର୍ଷ ପୂର୍ବେ କେରଳ ପ୍ରାନ୍ତର କାଲାଡି ଗ୍ରାମରେ ଶିବଗୁରୁ ଓ ଆର୍ଯ୍ୟମ୍ବା ନାମକ ଦମ୍ପତି ବାସ କରୁଥିଲେ। ବହୁବର୍ଷ ଧରି ଉକ୍ତ ଦମ୍ପତି ସନ୍ତାନହୀନ ରହିବା ସହ ପ୍ରବଳ ଅନୁତାପ ପରେ ଭଗବାନ ଶଙ୍କରଙ୍କ ଆଶୀର୍ବାଦରେ ଏକ ପୁତ୍ର ଆର୍ଯ୍ୟାମ୍ବାଙ୍କ କୋଳମଣ୍ଡନ କରିଥିଲା। ଭଗବାନ ଶଙ୍କରଙ୍କ ବରଦାନ ସ୍ୱରୂପ ପୁତ୍ର ପାଇଥିବାରୁ ଏହାର ନାମ ଶଙ୍କର ରଖାଗଲା। ପିଲାବେଳୁ ଶଙ୍କରଙ୍କର ଶିଖିବା ଓ ଅଧ୍ୟୟନ କରିବାର ଏକ ଅଦ୍ଭୁତ ସାମର୍ଥ୍ୟ ଥିଲା। ଅଳ୍ପ ବୟସରେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଶଙ୍କରଙ୍କୁ ପାଂଚବର୍ଷ ହେବା ମାତ୍ରେ ମା' ଆର୍ଯ୍ୟାମ୍ବା ତାଙ୍କୁ ବେଦ ଅଧ୍ୟୟନ ପାଇଁ ଗୁରୁକୁଳ ପଠାଇଥିଲେ। ଅତି ଦକ୍ଷ ଏବଂ ପ୍ରତିଭାଶାଳୀ ଶଙ୍କର କେବଳ ଦୁଇ ବର୍ଷର ଅଳ୍ପ ସମୟ ମଧ୍ୟରେ ସମସ୍ତ ବେଦ, ପୁରାଣ, ଉପନିଷଦ, ରାମାୟଣ, ମହାଭାରତ ଇତ୍ୟାଦି ସ୍ମରଣ କରିଥିଲେ ଓ ମାତ୍ର ସାତ ବର୍ଷ ବୟସରେ ତାମିଲ ଭାଷାରେ ଜଣେ ପ୍ରବୀଣ ବକ୍ତା ହେବା ସତ୍ତ୍ୱେ ସଂସ୍କୃତ, ଗଣିତ, ସଙ୍ଗୀତ ଇତ୍ୟାଦି ଶାସ୍ତ୍ରରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ। ଏତେ କମ୍ ବୟସରେ ଏପରି ଜ୍ଞାନର ଅଧିକାରୀ ହେବା କୌଣସି ଈଶ୍ୱରୀୟ ଚମତ୍କାରଠାରୁ କମ୍ ନଥିଲା। ତେଣୁ ତାଙ୍କ ଅଗାଧ ଜ୍ଞାନ ଦ୍ୱାରା ପ୍ରଭାବିତ ହୋଇ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଲୋକେ ସେମାନଙ୍କ ସମସ୍ୟାର ଶାସ୍ତ୍ରୀୟ ସମାଧାନ ପାଇଁ ଶଙ୍କରଙ୍କୁ ଉପଯୁକ୍ତ ବ୍ୟକ୍ତି ମଣୁଥିଲେ। ପରବର୍ତ୍ତୀ ସମୟରେ ସେ ଆଚାର୍ଯ୍ୟ ପଦବାଚ୍ୟରେ ଭୂଷିତ ହେବା ସହ ଶଙ୍କରାଚାର୍ଯ୍ୟ ନାମରେ ପ୍ରତିଷ୍ଠିତ ହେଲେ।

ମାତ୍ର ଆଠ ବର୍ଷ ବୟସରେ, ତ୍ୟାଗ କରିବାର ଏକ ଅବିସ୍ମରଣୀୟ ଆତ୍ମା ଆଦି ଶଙ୍କରାଚାର୍ଯ୍ୟଙ୍କ ମନରେ ଜାଗ୍ରତ ହେଲା। କିନ୍ତୁ ଏକମାତ୍ର ପୁତ୍ର ହେତୁ ତାଙ୍କୁ ସନ୍ନ୍ୟାସ ନେବାକୁ ମାତା ଆର୍ଯ୍ୟାମ୍ବା ମନା କରିଦେଇଥିଲେ; ମାତ୍ର ମାତାଙ୍କ ସହିତ ଶେଷ ସମୟରେ ରହିବେ ବୋଲି ପ୍ରତିଜ୍ଞା ଦେଇ ସେ ସନ୍ନ୍ୟାସ ଗ୍ରହଣ କଲେ। ସନ୍ନ୍ୟାସ ଗ୍ରହଣ ପରେ ଆଦି ଶଙ୍କରାଚାର୍ଯ୍ୟ କେରଳରୁ ପାଦରେ ଚାଲି ଚାଲି ନର୍ମଦା ନଦୀ କୂଳରେ ଅବସ୍ଥିତ ଓମ୍‌କାରେଶ୍ୱରକୁ ଯାଇ ଗୁରୁ ଗୋବିନ୍ଦ ଭଗବତପଦଙ୍କଠାରୁ ଦୀକ୍ଷା ସହିତ ବ୍ରହ୍ମଜ୍ଞାନ ଗ୍ରହଣ କରିଥିଲେ। ଏହିଠାରେ ସେ ପ୍ରାୟ ତିନି ବର୍ଷ ରହିବା ପରେ ଏହିପରି ଗୋଟିଏ ଘଟଣା ତାଙ୍କ ଗୁରୁ ସହିତ ଜଡିତ: ଗୁରୁ ଏକ ଗୁମ୍ଫାରେ ଆଧ୍ୟାତ୍ମିକ ଅଭ୍ୟାସରେ ନିୟୋଜିତ ଥିଲେ। ନଦୀର ପ୍ରବାହ ହେତୁ ହଠାତ୍ ପାଣି ଗୁମ୍ଫାରେ ପହଞ୍ଚିଲା। ଶଙ୍କରାଚାର୍ଯ୍ୟ ଗୁମ୍ଫାର ପ୍ରବେଶ ପଥରେ ଏକ ପାତ୍ର ରଖିଦେଲେ। ଯାହା ବି ପାଣି ଆସିଲା, ତାହା ପାତ୍ରରେ ପୂର୍ଣ୍ଣ ହେବ। ଯେତେବେଳେ ଗୁରୁ ଏହି ଘଟଣା ବିଷୟରେ ଜାଣିଲେ, ସେ ତାଙ୍କୁ କାଶୀ ଯାଇ ବିଶ୍ୱନାଥ ଦର୍ଶନ କରିବା ସମୟରେ ବ୍ରହ୍ମସୂତ୍ରଶ୍ରୀ ଲେଖିବାକୁ ପରାମର୍ଶ ଦେଲେ।

ଆଦି ଶଙ୍କରାଚାର୍ଯ୍ୟ ଆଧ୍ୟାତ୍ମିକ ଅଭ୍ୟାସ ସମାପ୍ତ କରିବା ପରେ ଗୁରୁଙ୍କଠାରୁ ଅନୁମତି ନେଇ ବିଶ୍ୱନାଥଙ୍କୁ ଦର୍ଶନ ପାଇଁ କାଶୀ ଯାତ୍ରା କରିଥିଲେ। ସେଠାରେ ମଣ୍ଡନ ମିଶ୍ର ଓ ତାଙ୍କ ପତ୍ନୀ ଭାରତୀଙ୍କୁ ଶାସ୍ତ୍ରୀୟ ତର୍କରେ ପରାସ୍ତ କରିଥିଲେ। ଦିନେ କାଶୀର ଗଙ୍ଗା କୂଳରେ ଶଙ୍କରାଚାର୍ଯ୍ୟ ଏକ ଚାନ୍ଦଲାକୁ ସାମ୍ନା କରିଥିଲେ। ତାଙ୍କ ସ୍ପର୍ଶରେ ଶଙ୍କରାଚାର୍ଯ୍ୟ କ୍ରୋଧିତ ହେଲେ। ଚାନ୍ଦଲା ହସିଲେ ଏବଂ ଶଙ୍କରଙ୍କୁ ପଚାରିଲେ: ଆତ୍ମା ଏବଂ ସର୍ବୋପରି ପ୍ରାଣ ଏକ। ଯେଉଁ ଶରୀର ସହିତ ତୁମେ ଛୁଇଁଛ, କିଏ ଅଶୁଦ୍ଧ? ତୁମେ କିମ୍ବା ତୁମର ଶରୀରର ଗର୍ବ?

ଭଗବାନ ସମସ୍ତଙ୍କ ପ୍ରାଣରେ ଅଛନ୍ତି। ଯେତେବେଳେ ତୁମେ ଯଦି ଏପରି ଚିନ୍ତାଧାରା ରଖିବ ସେତେବେଳେ ତୁମର ସନ୍ନ୍ୟାସୀ ହେବାର କ'ଣ ଆବଶ୍ୟକ? ଚାନ୍ଦଲାଠାରୁ ବ୍ରହ୍ମ ଏବଂ ଆତ୍ମାର ପ୍ରକୃତ ଜ୍ଞାନ ପାଇବା ପରେ ସେ ଦୁର୍ଗମ ରାସ୍ତା ଦେଇ ବଦ୍ରିକାଶ୍ରମ ନିକଟରେ ପହଞ୍ଚିଥିଲେ। ଚାରି ବର୍ଷ ଧରି ଏଠାରେ ତପସ୍ୟା ଓ ବିଭିନ୍ନ ଗ୍ରନ୍ଥ ରଚନା କରିଥିଲେ। ଦକ୍ଷିଣରେ ପହଞ୍ଚି ସେ ରୀତିନୀତି ପ୍ରଚାର କରିଥିଲେ। ସେ ତାଙ୍କ ମାତାର ଅସୁସ୍ଥତା ବିଷୟରେ ଜାଣିବା ମାତ୍ରେ ସେ ନିଜ ମାତାଙ୍କ ଶେଷ ଦର୍ଶନ ପାଇଁ କାଲାଡି ଗ୍ରାମରେ ପହଞ୍ଚିଥିଲେ ଓ ସନ୍ନ୍ୟାସୀ



ହୋଇ ମଧ୍ୟ ସେ ନିଜ ମା'ଙ୍କୁ ନିଜ ହାତରେ ଶବଦାହ କରିଥିଲେ, ଯାହାକି ଏକ ନୂତନ ଉଦାହରଣ ଥିଲା।

ପ୍ରାଚୀନ ଭାରତୀୟ ସନାତନ ପରମ୍ପରାକୁ ସମଗ୍ର ଭାରତରେ ବିସ୍ତାର କରିବା ପାଇଁ ଆଦି ଶଙ୍କରାଚାର୍ଯ୍ୟ ପୂର୍ବ ଦିଗର ପୁରୀଠାରେ ଋକ୍ ବେଦକୁ ସମର୍ପି ଗୋବର୍ଦ୍ଧନ ମଠ, ପଶ୍ଚିମ ଦିଗର ଦ୍ୱାରକାଠାରେ ସାମ ବେଦକୁ ସମର୍ପି ଶାରଦା ମଠ, ଉତ୍ତର ଦିଗର ବଦ୍ରିକାଶ୍ରମଠାରେ ଅଥର୍ବ ବେଦକୁ ସମର୍ପି ଜୋତିଃ ମଠ, ଦକ୍ଷିଣ ଦିଗର ଚିକମଗଲୁରଠାରେ ଯଜୁର୍ବେଦକୁ ସମର୍ପି ଶ୍ରୀଙ୍ଗେରି ମଠ ପ୍ରତିଷ୍ଠା କରିଥିଲେ। କେବଳ ଚାରୋଟି ମଠ ପ୍ରତିଷ୍ଠା କରିବାରେ ତାଙ୍କର ଅଭୂତପୂର୍ବ ଅବଦାନ ଦେଇନାହାଁନ୍ତି, ବରଂ ଆଧୁନିକ ଭାରତର ଚିନ୍ତାଧାରାର ବିକାଶରେ ମଧ୍ୟ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅଧିକାଂଶ ଧାରଣା ହିନ୍ଦୁତ୍ୱ ଉପରେ ଅନେକ ପ୍ରଭାବ ପକାଇଛି। ତାଙ୍କ ଜୀବନରେ ତୀର୍ଥଯାତ୍ରା, ସର୍ବସାଧାରଣ ଭାଷଣ ଏବଂ ଶିବଲିଙ୍ଗ ପରିଦର୍ଶନ ପରି ଅନେକ ଯାତ୍ରା କରିଛନ୍ତି। ସେ ପୂର୍ବ, ପଶ୍ଚିମ, ଉତ୍ତର ଏବଂ ଦକ୍ଷିଣ ଭାରତ ଗସ୍ତ କରିଛନ୍ତି।

ଆଦି ଶଙ୍କରାଚାର୍ଯ୍ୟ ସଂସ୍କୃତ ସମେତ ଅନେକ ଭାଷାରେ ବିଭିନ୍ନ ଗ୍ରନ୍ଥ ଲେଖି ମନୁଷ୍ୟ ଜୀବନ ଉପରେ ମହାନ ଶିକ୍ଷା ଗ୍ରହଣ କରିଥିଲେ ଏବଂ ଜୀବନରେ ସଠିକ୍ ତଥ୍ୟ ଅନୁସରଣ କରିବାକୁ ଶିଖାଇଥିଲେ। ଏହାସହିତ ସେ ମନୁଷ୍ୟଙ୍କୁ ପରିତ୍ରାଣର ମାର୍ଗ ମଧ୍ୟ କହିଥିଲେ। ଏହାସହିତ, ମନୁଷ୍ୟଙ୍କୁ ଈଶ୍ୱରୀୟ ଶକ୍ତି ଏବଂ ଭକ୍ତି ସହିତ ସେମାନଙ୍କର ଆତ୍ମାର ମହତ୍ତ୍ୱ ବିଷୟରେ କହିଥିଲେ। ତାଙ୍କ ରଚନା ମାଧ୍ୟମରେ ଜୀବଜନ୍ତୁଙ୍କ ପ୍ରତି ଦୟା ଦେଖାଇବାକୁ ପ୍ରେରଣା ଦେଇଥିଲେ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ୍ୟ ବର୍ଣ୍ଣନା କରିଥିଲେ। ସେ ଗୀତା ଉପରେ ସଂସ୍କରଣ ଲେଖିବା ସହ ଅଦ୍ୱୈତ ବେଦାନ୍ତ ନାମକ ଏକ ପ୍ରମୁଖ ଉନ୍ୟାସ ଲେଖିଥିଲେ ଏବଂ ସେ ତାଙ୍କ ଜୀବନରେ ଶହେରୁ ଅଧିକ ରଚନା କରିଥିଲେ। ସେ ବ୍ରହ୍ମସୁତ୍ର ଏବଂ ଉପନିଷଦ ଉପରେ ଅନେକ ବିରଳ ମନ୍ତବ୍ୟ ଲେଖିଥିଲେ। ବୈଦିକ ପରମ୍ପରାର ଉପନିଷଦ ଏବଂ ବେଦାନ୍ତ ସୂତ୍ର ଉପରେ ତାଙ୍କ ଦ୍ୱାରା ମନ୍ତବ୍ୟଗୁଡ଼ିକ ଲେଖାଯାଇଥିଲା, ତାହା ଆଜି ବି ପ୍ରସିଦ୍ଧ। ସେ ବେଦାନ୍ତ ସୂତ୍ରର ବ୍ୟାଖ୍ୟା କରି ତର୍କ ଆଧାରରେ ସମସ୍ତ ଧାର୍ମିକ ସମସ୍ୟାର ସମାଧାନ କରିଥିଲେ। ଶଙ୍କରାଚାର୍ଯ୍ୟ ବେଦାନ୍ତ ଏବଂ ଉପନିଷଦର ଜଣେ ଦୃଢ଼ ସମର୍ଥକ ଥିଲେ। ବ୍ରହ୍ମ ଉପରେ ତାଙ୍କର ମତ ଏକତାବାଦ ବା ଅଦ୍ୱୈତବାଦ ଥିଲା। ବ୍ରହ୍ମ ଅକ୍ଷୟ, ରୂପହୀନ ଏବଂ ସତ୍ୟ ଅଟନ୍ତି। ସମଗ୍ର ବିଶ୍ୱ ମାୟାରେ ପରିପୂର୍ଣ୍ଣ ଓ ମିଛ; କେବଳ ବ୍ରହ୍ମ ହିଁ ସତ୍ୟ 'ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା' ମହାନ ସୂତ୍ର ଦ୍ୱାରା ମାୟାର ଅନ୍ଧକାରକୁ ହଟାଇ ଜଣେ ବ୍ରହ୍ମ ବିଷୟରେ ଜାଣିପାରିବେ। ଶଙ୍କରାଚାର୍ଯ୍ୟ ହିନ୍ଦୁ ବୈଦିକ ସନାତନ ଧର୍ମର ପ୍ରକୃତ ରୂପକୁ ଲୋକଙ୍କ ସାମ୍ନାରେ ରଖିଥିଲେ। ଏହାସହିତ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଅଦ୍ୱୈତ ବେଦାନ୍ତକୁ ଏକ ଦୃଢ଼ ଆଧାର ପ୍ରଦାନ କରାଯାଇଥିଲା। ସେ ସନାତନ ଧର୍ମର ବିଭିନ୍ନ ଚିନ୍ତାଧାରାକୁ ଏକ ସୂତାରେ ବାନ୍ଧିବାର କାର୍ଯ୍ୟ ମଧ୍ୟ କରିଥିଲେ।

ଯେତେବେଳେ ଧାର୍ମିକ କେନ୍ଦ୍ରଠାରୁ ନୈତିକତା ଏବଂ ଗୁଣ ଦୂରେଇ ଯିବାକୁ ଲାଗିଲା ପଶୁ ବଳିଦାନ, ମନୁଷ୍ୟର ବଳିଦାନ, ଅନ୍ଧବିଶ୍ୱାସ ଭଳି ଦୁଷ୍କର୍ମ ଧର୍ମକୁ ଭ୍ରମାତ୍ମକ କରୁଥିଲା। ଧର୍ମର ପ୍ରକୃତ ରୂପ ବିଷୟରେ ଅଜ୍ଞ ଥିବାରୁ ସାଧାରଣ ଲୋକ କପଟୀ ଏବଂ କପଟୀମାନଙ୍କ ଭ୍ରମରେ ଥିଲେ। ଏପରି ସମୟରେ ଜଣେ ମହାତ୍ମା ଏବଂ ଧର୍ମଗୁରୁଙ୍କର ଆବଶ୍ୟକତା ଥିଲା। ସେହି ସମୟରେ ଧରାବତରଣ କରି ମାତ୍ର ୩୨ ବର୍ଷ ବୟସରେ ଆଜିର ଉତ୍ତରାଖଣ୍ଡ ରାଜ୍ୟରେ ଅବସ୍ଥିତ ପାଲା ସାମ୍ରାଜ୍ୟର କେଦାରନାଥରେ ମହାନ ଦାର୍ଶନିକ ଆଦିଗୁରୁ ଶଙ୍କରାଚାର୍ଯ୍ୟ ପଞ୍ଚତତ୍ତ୍ୱରେ ଲୀନ ହୋଇଥିଲେ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ଜୀବନ ସମୟର ଏହି ଛୋଟ ଭାଗରେ ପ୍ରାଚୀନ ଭାରତୀୟ ସନାତନ ପରମ୍ପରାକୁ ଜୀବନ୍ତ କରିବା ପାଇଁ କରିଥିବା କାର୍ଯ୍ୟ ଚମତ୍କାର ଏବଂ ଅବିସ୍ମରଣୀୟ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ଆଜି ନାହାନ୍ତି ସତ, କିନ୍ତୁ ଭାରତକୁ ଏକତାର ସୂତ୍ରରେ ବାନ୍ଧିବା ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଚାରି ଦିଗର ଚାରୋଟି ମଠ ବୈଦିକ ମୂଳ ଭାରତୀୟ ସଂସ୍କୃତି ଓ ହିନ୍ଦୁଧର୍ମର ରକ୍ଷା ପାଇଁ କାର୍ଯ୍ୟରତ।

-ପୁରୀ, ମୋ: ୮୭୬୩୧ ୭୨୬୭୯

# ଓଡ଼ିଶା-ବିକାଶର ନୂଆ ଏକ ଫର୍ଦ୍ଦ



ସତେଜ ସକାଳ-୧୩
ଡି. ଶୁଭମ୍

ଓଡ଼ିଶା- କେବଳ ଏକ ନାମ ନୁହେଁ; ବରଂ ଏହା ଏକ ପରିଚୟ। ଓଡ଼ିଶା- ଉତ୍କଳର ପରିବର୍ଦ୍ଧିତ ସଂସ୍କରଣ। ଏଠି ମନ୍ଦିରର ଆଧ୍ୟାତ୍ମିକ ପରିବେଶ ହେଉ କି ସବୁଜ ବନାନୀ କିମ୍ବା ପ୍ରାକୃତିକ ସମ୍ପଦ - ଏ ସବୁଥିରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ। ଏଠାକାର ମାଟିରୁ ମହକ ଆସେ। ଏଠାକାର ପବନରୁ ଝଙ୍କାର ଆସେ। ଓଡ଼ିଶାର କୀର୍ତ୍ତିରାଜି ହେଉ କି କଳା ସଂସ୍କୃତି ଏସବୁ ବିଶ୍ୱରେ ବିରଳ। ଆମର ଜଗନ୍ନାଥ ମନ୍ଦିର, କୋଣାର୍କ, ଲିଙ୍ଗରାଜ ମନ୍ଦିରର ସ୍ଥାପତ୍ୟ କଳା ଖୁବ୍ ନିପୁଣ। ଆମ ରାଜ୍ୟର ନିର୍ଝରିଣୀଠୁ ମନ୍ଦିର ସବୁକିଛି ଅଦ୍ୱିତୀୟ। ଆମ ରାଜ୍ୟର ମାଟିରୁ ସଂଗ୍ରାମର ବାସ୍ନା ଆସେ। ଆଉ ଏହିଠାରୁ ବି ଧର୍ମର ଗୁଣଗାନ ବାରି ହୁଏ। ଆମ ରାଜ୍ୟବାସୀ ପର୍ବପର୍ବାଣିକୁ ଏକ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥା'ନ୍ତି। ଏଠି ମାଣବାସା ଗୁରୁବାର ହେଉ କି ରଜଦୋଳି ଏସବୁର ପ୍ରାଧାନ୍ୟ ସବୁବେଳେ ଅଧିକ। ତେବେ ପୁରାତନ ଓଡ଼ିଶା ଓ ଏବର ଓଡ଼ିଶା ଭିତରେ ଅନେକ ଫରକ। ଏବେର ଓଡ଼ିଶା ଏକ ବିକଶିତ ରାଜ୍ୟର ସ୍ୱପ୍ନ ନେଇ ଅଗ୍ରସର ହେବାକୁ ଯାଉଛି।



ସରକାରଙ୍କର ଲୋକାଭିମୁଖୀ ପଦକ୍ଷେପ ତଥା ଏବର ଓଡ଼ିଶାର ମାନଚିତ୍ରକୁ ଲକ୍ଷ୍ୟ କଲେ ଆମେ ସହଜରେ ଅନୁମେୟ କରିପାରିବା ଯେ ଓଡ଼ିଶା ନିଶ୍ଚିତ ଭାବରେ ବିକାଶର ପାଦଦେଶରେ। ରାଜ୍ୟରେ ନିଆଯାଉଥିବା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକୁ ଲକ୍ଷ୍ୟ କଲେ ଏବେ ଆମେ ଗର୍ବରେ କହିପାରିବା ଓଡ଼ିଶା ଏକ ବିକଶିତ ରାଜ୍ୟର ରୂପ ନେବା ଦିଗରେ ଅଗ୍ରସର। 'ଆମେ ଓଡ଼ିଆ, ଭାରି ବଢ଼ିଆ' ଉକ୍ତିଟି ଏବେ ଯଥାର୍ଥ ରୂପେ ପ୍ରତିପାଦିତ। ଓଡ଼ିଶା ପରି ଏକ ଶୋଭାମୟୀ ରାଜ୍ୟର ଶାସନ ଦାୟିତ୍ୱକୁ ଦୀର୍ଘ ୨୫ ବର୍ଷ ହେବ ସମ୍ଭାଳି ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବାର ସଂକଳ୍ପ ନେଇ ଆଗେଇ ଚାଲୁଛନ୍ତି ମୁଖ୍ୟମନ୍ତ୍ରୀ। ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ଓଡ଼ିଶାର ମାନଚିତ୍ରକୁ ସୁଦୃଢ଼ କରିବାର ଆଶା ନେଇ ନାନାଦି ପ୍ରକଳ୍ପର ଶୁଭାରମ୍ଭ ବି କରୁଛନ୍ତି। ବିକଶିତ ଓଡ଼ିଶାର ରୂପରେଖକୁ ଜୀବନ୍ନ୍ୟାସ ଦେବା ଲକ୍ଷ୍ୟରେ ସେ ସତତ ଭାବେ ପ୍ରଚେଷ୍ଟିତ। କିଛିଦିନ ତଳେ ଜଗନ୍ନାଥଧାମ ପୁରୀର ସୌନ୍ଦର୍ଯ୍ୟକରଣକୁ ଆଖିଆଗରେ ରଖି ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ବି ନେଇଛନ୍ତି। ପୁରୀ ମନ୍ଦିର ନିକଟସ୍ଥ ସ୍ଥାନକୁ ବେଶ ସୁନ୍ଦର ଭାବରେ ନବକଳେବର କରିବାର ଚିତ୍ର ବାସ୍ତବରେ ସ୍ୱାଗତଯୋଗ୍ୟ। ଯିଏ କେହି ବି ଏହାର ପ୍ରଶଂସା କରିବାକୁ ବାଧ୍ୟ ହେବ। ଠିକ୍ ସେହିପରି ଏକାମ୍ରକ୍ଷେତ୍ର ପରିଦର୍ଶନରେ ଯାଇ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରର ବିକାଶକୁ ପୁଣି ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ। ଲିଙ୍ଗରାଜ ମନ୍ଦିର ପାଇଁ ନୂଆ ଯୋଜନା କରିବାର ପ୍ରତିଶ୍ରୁତି ବି ଦେଇଛନ୍ତି। ନିକଟରେ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଂଚଳର ଜମିକୁ ଲୋକେ ହସ୍ତାନ୍ତର କରି ମନ୍ଦିରର ସୌନ୍ଦର୍ଯ୍ୟ ବି ବୃଦ୍ଧି କରିଥିଲେ। ଠିକ୍ ସେହିପରି ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଇ ଇକୋ ରିଟ୍ରେଟର ଉଦ୍‌ଘାଟନ କରାଯାଇଛି। କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗିବାଡ଼ି ଏବଂ ହୀରାକୁଦଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରଯାଇଛି। ପର୍ଯ୍ୟଟକମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପର୍ଯ୍ୟଟନ ରୂପଚିତ୍ରକୁ ଏକ ନୂତନ ସଂଜ୍ଞା ଦେବା ପାଇଁ ଏହାର ଆରମ୍ଭ ହୋଇଛି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ବରମୁଣ୍ଡା ବସଷ୍ଟାଣ୍ଡ ପରିଭ୍ରମଣରେ ଯାଇ ୧୮୦ କୋଟି ଟଙ୍କାର ପ୍ରକଳ୍ପ ବି ଘୋଷଣା କରିଛନ୍ତି। ଆଗାମୀ ୧୮ ମାସ ମଧ୍ୟରେ ବରମୁଣ୍ଡା ବସଷ୍ଟାଣ୍ଡର ଚିତ୍ରକୁ ପୂର୍ବ ଭାରତ ମାନଚିତ୍ରରେ ପ୍ରମୁଖ ଟର୍ମିନାଲ ଭାବେ ଯୋଡ଼ିବାର ଲକ୍ଷ୍ୟ ନେଇ କାର୍ଯ୍ୟକରାଯିବାକୁ ମଧ୍ୟ ଘୋଷଣା କରିଛନ୍ତି। ସୁତରାଂ ଅଧୁନା ପ୍ରଗତିର ପାହାଚରେ ଓଡ଼ିଶା।

ଏହାସହ ଯଦି ଆପଣ ମନ୍ଦିରମାଳିନୀ ଆମ ପ୍ରଦେଶ ଓଡ଼ିଶାର କଥା ଲକ୍ଷ୍ୟ କରିବେ, ତେବେ ତାରାତାରିଣୀ ମନ୍ଦିର କୁହନ୍ତୁ କି ସାରଳା ମନ୍ଦିର ଅବା କଟକର ଚଣ୍ଡୀ ମନ୍ଦିର, ଏସବୁର ଆଧୁନିକୀକରଣ କରି ଏହାକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦେବାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସତରେ ପ୍ରଶଂସନୀୟ।

କିନ୍ତୁ କେତୋଟି ପ୍ରମୁଖ ବିଷୟ ଯାହା କି ବିକାଶର ସଂଜ୍ଞାକୁ ଆଉ ଟିକେ ଯଥାର୍ଥ କରିପାରିବ ବୋଲି ମୋର ଆଶା, ସେଗୁଡ଼ିକୁ ଏଠାରେ ଉଲ୍ଲେଖ କରୁଛି। ପ୍ରଥମତଃ କୃଷି ଆମ ରାଜ୍ୟର ମୁଖ୍ୟ ମେରୁଦଣ୍ଡ। ଇଂରାଜୀରେ ଏକ ପ୍ରବାଦ ଅଛି-ଅର୍ଥାତ ଯଦି କୃଷି ଭୁଲ ଦିଗରେ ଗଲା, ତେବେ ଆଉ କିଛି ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରିବ ବୋଲି ଆଶା କରିବା ଏକ ଧୃଷ୍ଟତା ହେବ। ସରକାରଙ୍କ ତରଫରୁ ସବୁବେଳେ କୃଷି ପାଇଁ ସ୍ୱତନ୍ତ୍ର ଯୋଜନା ହେଉଛି। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳରେ ଚାଷୀମାନଙ୍କୁ ଚାଷ କରିବାକୁ ପ୍ରଶିକ୍ଷଣ ବି ଦିଆଯାଉଛି। କିନ୍ତୁ ଚାଷୀ ମାନଙ୍କ ପାଖରେ ଏ ଯୋଜନା କିପରି ସଠିକ୍ ଭାବରେ ପହଁଚୁ, ତାହା ହିଁ ତର୍ଜମା କରିବାର ବିଷୟ। ରାଜ୍ୟ ସରକାରଙ୍କ ଦ୍ୱାରା ଚାଷୀଙ୍କ ହିତ ଉଦ୍ଦେଶ୍ୟରେ କାଳିଆ ଯୋଜନା ପ୍ରଣୟନ କରାଗଲା। ଏଥିରେ ଉଲ୍ଲେଖ ରହିଲା କ୍ଷୁଦ୍ର ଓ ଭାଗଚାଷୀମାନେ ଏ ଯୋଜନାର ଲାଭାର୍ଥୀ ହେବେ। କିନ୍ତୁ ସମୟାନୁକ୍ରମେ କାଳିଆ ଯୋଜନାର ଅଯୋଗ୍ୟ ହିତାଧିକାରୀଙ୍କର ଲମ୍ବା ତାଲିକା ଆସିଲା। ପ୍ରକୃତ ଚାଷୀ ଏଥିରୁ ବାଦ ପଡ଼ିଲେ। ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ନୂତନ ପନ୍ଥା ଆପଣଉଛନ୍ତି ସତ, କିନ୍ତୁ ଚାଷୀଙ୍କ ମଧ୍ୟରେ ଥିବା ଦଲାଲ ବା ମଧ୍ୟସ୍ଥିମାନଙ୍କର ଚାଟୁକାରିତା ପାଇଁ ଏସବୁ ପ୍ରକୃତ ହିତାଧିକାରୀଙ୍କଠାରୁ ଦୂରରେ ରହୁଛି। ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାକୁ ଆସୁଛି। ନିଜ ପ୍ରାପ୍ୟ ପାଇଁ ଗୁହାରି କରୁଛି। ଏସବୁକୁ ସରକାର ପ୍ରାଧାନ୍ୟ ଦେବା ଆବଶ୍ୟକ। ଓଡ଼ିଶାରେ ଚାଷୀଙ୍କ ପାଇଁ ବେଶ ନୂତନ ଓ ଅଭିନବ ଯୋଜନା ସବୁ କରାଯାଉଛି। ଏସବୁ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ମଧ୍ୟ।

ଦ୍ୱିତୀୟରେ ନିଯୁକ୍ତିର କଥା। କଥାରେ ଅଛି, ଶିକ୍ଷାର ମୟୂଖେ ଫୁଟେ ଚରିତ୍ରର ଶୁଭ୍ର ଶତଦଳ, ଶିକ୍ଷିତ ନର ଏକା ଯା ହିତେ ଦେଶ ପ୍ରାଣ ଚଂଚଳ। ଅର୍ଥାତ ଜଣେ ଶିକ୍ଷିତ ବ୍ୟକ୍ତି ହିଁ ଏ ଦେଶ ସମ୍ଭାଳିବାର ମୁଖ୍ୟ ମଙ୍ଗଧାରୀ। ପିଲାଟିଏ ପାଠ ପଢୁଛି। ଭଲ ମାର୍କ ରଖି ପାସ୍ କରୁଛି। କିନ୍ତୁ ଏବେ ଚାକିରୀ କଥା ଶୁଣିଲେ ପାଟିରୁ କଥା ପଦୁଟିଏ ବାହାରୁନି। ନା ଘରେ ବାପା ମା'ଙ୍କୁ ଉତ୍ତର ଦେଇ ହେଉଛି ନା ପଡ଼ୋଶୀ ସାଙ୍ଗସାଥୀମାନଙ୍କୁ। ପ୍ରତିବର୍ଷ ଡ଼ିଗ୍ରୀ ଧରି ପିଲା ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ଠିକ୍ ସ୍ଥାନରେ ଅବସ୍ଥାପିତ ହୋଇପାରୁନାହାନ୍ତି। ସରକାର ପିଲାଙ୍କ ପାଠପଢ଼ା ପାଇଁ ଡ଼ିଜିଟାଲ ସେବା ଆରମ୍ଭ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମେଧାବୀ ବୃତ୍ତି ବି ରଖୁଛନ୍ତି। କିନ୍ତୁ ଏସବୁ ବାଦ୍ ବି ନିଯୁକ୍ତିକୁ ମୁଖ୍ୟ ଏଜେଣ୍ଡା କରିବା ଆବଶ୍ୟକ। କାରଣ ପିଲାଟିଏ ପାଠ ପଢ଼ିକି ଚାକିରୀ କରିବାର ସ୍ୱପ୍ନ ଦେଖେ। ସମସ୍ତେ ଉଦ୍ୟୋଗୀ ହୋଇପାରିବେ ନାହିଁ। ଏହାହିଁ ବାସ୍ତବିତ ସତ୍ୟ। ତେଣୁ ନିଯୁକ୍ତି ଉପରେ ଗୁରୁତ୍ୱ ଦେଲେ ବୋଧହୁଏ ଆଜିକାର ଯୁବପିଢ଼ୀ ବେଶ ଉପକୃତ ହୋଇପାରନ୍ତେ। ବେରୋଜଗାର ନହୋଇ ରୋଜଗାରକ୍ଷମ ହୋଇପାରିବେ।

ତୃତୀୟରେ ଯୁବପିଢ଼ୀଙ୍କୁ ସବୁ ନୂଆ କାର୍ଯ୍ୟଶୈଳୀରେ ପ୍ରାଧାନ୍ୟ ଦେବା ଆବଶ୍ୟକ। କାରଣ ଛାତ୍ର ହିଁ ଦେଶର ଭବିଷ୍ୟତ। ଯଦି ଛାତ୍ରଛାତ୍ରୀଙ୍କୁ ନୂଆ ଉଦ୍ୟୋଗ ସୃଷ୍ଟି କରାଇବା ପାଇଁ ପ୍ରବର୍ତ୍ତାଇ ହୁଅନ୍ତା, ତାହାହେଲେ ହୁଏତ ଦାଦନ ଶବ୍ଦଟି ଆଉ ଶୁଣିବାକୁ ପଡ଼ନ୍ତାନି। କାରଣ ସତକଥାଟା ହେଲା ଆମେ ବିନା କଷ୍ଟ ଓ ଶ୍ରମରେ ଝାଳ ନବୁହାଇ ରୋଜଗାର କରିବାକୁ ଚାହୁଁଛୁ। ଅର୍ଥାତ ଆମର ଲକ୍ଷ୍ୟ ହେଲା ଟଙ୍କା ରୋଜଗାର କରିବା। କିନ୍ତୁ ଆମେ ପରିଶ୍ରମ କରିବାନି। ଆମ ପାଖରେ ଜମି ଥିବ କିନ୍ତୁ ଆମେ କାଦୁଅ କ୍ଷେତରେ କାହିଁ ଯେ ଗୋଡ଼ ପଶେଇବୁ! ଏହି ଚିନ୍ତାଧାରା ହିଁ ଆମକୁ ଆଜି ଦାଦନ ଖଟିବାକୁ ବାଧ୍ୟ କରିଛି। ସରକାରଙ୍କ ତରଫରୁ ଏହି ଉଦ୍ୟୋଗୀକରଣ ଦିଗରେ ଅଧିକ ଫୋକସ୍ ଦିଆଗଲେ ହୁଏତ ଲୋକେ ଏହାକୁ କିଛି ପରିମାଣରେ କାର୍ଯ୍ୟରେ ଉପଯୋଗ କରିପାରନ୍ତେ। କାରଣ ଆମର ଗୋଟିଏ ପୁରୁଣା ମନୋବୃତ୍ତି ଯାହା ଏବେ ବି ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଏ, ତାହା ହେଲା-"ଆରେ ସେ ତ ଜମିରେ ଧାନ କରି ଏତେ ଅମଳ ପାଇଲା, ଆମେ କାହିଁ ଚିନାବାଦାମ କରିବା?, ଚାଲ ଆମେ ବି ଆରବର୍ଷ ଧାନ ହିଁ କରିବା। ଏ ଚିନାବାଦାମର ମୂଲ୍ୟ ନାହିଁ।" କିନ୍ତୁ ସେ ଲୋକଟି ଭୁଲିଯାଇଥାଏ ଯେ ସେ ଚିନାବାଦାମ ଚାଷର ଯତ୍ନ ନେଇନାହିଁ ବୋଲି ଅମଳ ପାଇନି। କହିବାର ଉଦ୍ଦେଶ୍ୟ ଯଦି ଅମେ ଉଦ୍ୟୋଗୀ ହେବା ପାଇଁ ସ୍ୱପ୍ନ ଦେଖିବା, ତାହାହେଲେ ଯାଇ ଉଦ୍ୟୋଗୀ ହୋଇପାରିବା, ଏକଥାରେ ବସି ରହିଗଲେ ହେବନାହିଁ। ଏସବୁ ପାଇଁ ଝାଳ ବୁହାଇବାକୁ ପଡ଼ିବ। କଷ୍ଟ କରିବାକୁ ହେବ। ସୁତରାଂ ସରକାରଙ୍କ ତରଫରୁ ଏ ଦିଗରେ ଯଥୋଚିତ ବ୍ୟବସ୍ଥା କରାଗଲେ ନିଶ୍ଚିତ ଭାବରେ ସୁଫଳ ମିଳିପାରିବ ବୋଲି ଆଶା।

ମୋ ଓଡ଼ିଶା-ଏବେ ବିକଶିତ। ଏହା ଏବେ ଆମେ ଗର୍ବରେ କହିପାରିବା। କିନ୍ତୁ ଏ ବିକାଶର ରଥକୁ ଅଧିକ ଅଧିକ ଶାଣିତ କରିବାର ସମୟ ଆସିଛି। ଏ ବିକାଶର ଶବ୍ଦକୁ ଆହୁରି ଦକ୍ଷ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଓଡ଼ିଶାର ନାମକୁ ବିଶ୍ୱଦରବାରରେ ପରିଚିତ କରିବାର ସଂକଳ୍ପ ନେଇ କାମ କରିବାକୁ ହେବ। ଏହାକୁ ସମସ୍ତେ ଏକ ଆହ୍ୱାନ ଭାବି କାର୍ଯ୍ୟକରିବା ଆବଶ୍ୟକ।

—ବାସୁଦେବପୁର, ଭଦ୍ରକ, ମୋ-୯୪୩୮୪୬୭୦୭୯




# ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଖୋର୍ଦ୍ଧା,(ପିଏନ):ବେଗୁନଆ ବ୍ଲକ ଅନ୍ତର୍ଗତ କଂଟାବାଡସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ ଗ୍ରେଡ ପାଇଥିବା ୧୧ ଜଣ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏ ନେଇ ବିଦ୍ୟାଳୟର ସ୍ଥାନୀୟ କ୍ଲଷ୍ଟରର ସଂଯୋଜକ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ଦିଲ୍ଲୀପ କୁମାର ମହାପାତ୍ର,ବରିଷ୍ଠ ଶିକ୍ଷକ କୈଳାସ ନାଥ ସୁବୁଦ୍ଧି,ଅଖିଳେଶ ମହାପାତ୍ର,ନାରାୟଣ ମାନସିଂହ ଓ ପରିଚାଳନା କମିଟି ସଭାପତି ତଥା ଶିକ୍ଷକ ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଶିକ୍ଷକଙ୍କ ଶିକ୍ଷାଦାନ ଯୋଗୁଁ ଶିକ୍ଷାର୍ଥୀ ମାନେ ଅଧ୍ୟୟନ କରି ପରିଶ୍ରମ ଯୋଗୁଁ ଶତପ୍ରତିଶତ ନମ୍ବର ରଖି ପାସ ସମ୍ଭବ ହୋଇ ପାରିଛି ବୋଲି ମତ ପ୍ରକାଶ ଦେଇଥିଲେ ।ଶେଷରେ ଶିକ୍ଷୟିତ୍ରୀ ସ୍ମୃତିରେଖା ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକରେ ପ୍ରବଳ ବର୍ଷା ଜାରି ରହିଛି । ଏଠାରେ ଲଗାଣ ବର୍ଷାରେ ମୋଟୁ- ଚିନ୍ତୁର ଜାତୀୟ ରାଜପଥ ପାଣିରେ ବୁଡ଼ିଯାଇଛି । ମୋଟୁ- ଚିନ୍ତୁର ମଝିରେ ଥିବା କୁଇଗୁର ପୋଲ ଉପରେ ପାଖାପାଖି ୬ ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି । ସେହିପରି ଚିନ୍ତୁର ଠାରୁ ଭଦ୍ରାଚଂଳମ ଯାଇଥିବା ମୁଖ୍ୟ ରାସ୍ତାର ନିଲିପକା ନିକଟରେ ମଧ ପୋଲ ବନ୍ୟା ପାଣିରେ ବୁଡ଼ି ଯାଇଛି । ଏହାଫଳରେ ମାଲକାନଗିରିରୁ ଆନ୍ଧ୍ର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି । ଉଭୟ ପଟେ ବହୁ ଦୂରଗାମୀ ବସ ଓ ଟ୍ରକ ଅଟକି ରହିଛି ।ଲଗାଣ ବର୍ଷା ଯୋଗୁଁ ଗୋଦାବରୀ ନଦୀ ଫୁଲୁ ଥିବାରୁ ନଦୀର ପଛୁଆ ଜଳରେ ଏହି ରାସ୍ତା ସବୁ ବୁଡ଼ି ଯାଇଥିବାର ଦେଖିବାକୁ ମିଳିଛି । ଲଗାଣ ବର୍ଷା ଯୋଗୁ ଗୋଦାବରୀ ନଦୀ ଦ୍ୱିତୀୟ ବିପଦ ସଙ୍କେତ ଉପରେ ରହିଛି ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକାକୁ ଭବ୍ୟ ସମ୍ବର୍ଦ୍ଧନା

ଚଣ୍ଡିଖୋଲ, (ପି.ଏନ୍): ଭଗବାନ୍ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକାକୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରୀ ସତ୍ୟସାଇ ସେବା ସଂଗଠନ ଠାରୁ ଏକ ସୁସୋଜ୍ଜିତ ରଥରେ ଅଣାଯାଇ ଚଣ୍ଡିଖୋଲସ୍ଥିତ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିର ପରିସରରେ ରଖାଯାଇ ଥିଲା। ଏହି ସୁସୋଜ୍ଜିତ ରଥକୁ ଯାଜପୁର ଜିଲାର ମୁଖ୍ୟ ଦ୍ୱାର ଛତିଆ ଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ପୂଜନ କରାଯାଇଥିଲା। ସେଠାରେ ରାଜ୍ୟ ସତ୍ୟସାଇ ଟ୍ରଷ୍ଟର ଟ୍ରଷ୍ଟି ସଭ୍ୟ ରଶ୍ମି ରଂଜନ ରାୟ, ଯାଜପୁର ଜିଲା ଶ୍ରୀ ସତ୍ୟସାଇ ସେବା ସମିତିର ସଭାପତି ଡ଼ାକ୍ତର ନିଶିକାନ୍ତ କର, ଜିଲା ବାଲ ବିକାଶ ଗୁରୁମା ପ୍ରମୋଦିନୀ ସାମଲ ସମେତ ଅନ୍ୟ ସାଇ ସେବକମାନେ ଉପସ୍ଥିତ ଥିଲେ। ଦିବ୍ୟ ପାଦୁକା ରଥ ପଂହଚିବା କ୍ଷଣି ସାଇ ସେବକମାନେ ଦେବପାଠ କରିଥିଲେ ଓ ବାବାଙ୍କ ପାଦପଦ୍ମରେ ପୁଷ୍ପ, ଦ୍ୱୀପ ଦିଆଯାଇ ଆଳତୀ କରାଯାଇଥିଲା। ଏହି ଦିବ୍ୟ ପାଦୁକା ରଥ ସେଠାରୁ ଆସି ଚଣ୍ଡିଖୋଲ ଛକଠାରେ ପଂହଚିବା କ୍ଷଣି ସତ୍ୟସାଇ ଭଜନ ମଣ୍ଡଳ ଚଣ୍ଡିଖୋଲ, ସତ୍ୟସାଇ ସେବା ସମିତି ପଲାଇ ଓ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଆଳତୀ ଦିଆଯାଇ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚଣ୍ଡିଖୋଲ ଛକରୁ ଶହ ଶହ ସଂଖ୍ୟାରେ ସାଇ ସେବକମାନେ ରଥ ସମ୍ମୁଖରେ ଯାଇ ମହାବିନାୟକ ପାଦଦେଶ ଶ୍ରୀ ହନୁମାନ ମନ୍ଦିର ନିକଟରେ ପଂହଚିଥିଲେ। ସେଠାରେ ଏକ ବିରାଟ ପଟୁଆରରେ ବାବାଙ୍କ ଦିବ୍ୟ ପାଦୁକା ସୁସୋଜ୍ଜିତ ରଥକୁ ମହାବିନାୟକ ମନ୍ଦିର ସମ୍ମୁଖକୁ ନିଆଯାଇଥିଲା। ଏଥିରେ ରାଜ୍ୟ ସତ୍ୟସାଇ ସେବା ସଂଗଠନର ଉପ-ସଭାପତି ଡ଼ଃ ସତ୍ୟ ସ୍ୱରୂପ ପଟ୍ଟନାୟକ, ରାଜ୍ୟ ଯୁବ ସଂଯୋଜକ ଚିନ୍ମୟାନନ୍ଦ ପତି, ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକା ପୁଷ୍ପମିତ୍ରା ମହାନ୍ତି, ରାଜ୍ୟ ପାଦୁକା ଯାତ୍ରା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ ରାଉତ, ରାଜ୍ୟ ଆଇ.ଟି କୋ.ଅଡ଼ିନେଟର ରବିନ୍ଦ୍ର ବାରିକ୍, ଜଗତସିଂହପୁର ସତ୍ୟସାଇ ସେବା ସମିତି ଜିଲା ସଭାପତି ଦାମୋଦର ସ୍ୱାଇଁ, ଭଦ୍ରକ-୧ ଜିଲା ସଭାପତି ନକୁଳ ଚନ୍ଦ୍ର ଜେନା, ମୟୂରଭଞ୍ଜ ଜିଲା ସଭାପତି ବିଶ୍ୱ ରଂଜନ ସାହୁ, କେନ୍ଦ୍ରପଡ଼ା ଜିଲା ସଭାପତି ରାଧାଶ୍ୟାମ ସ୍ୱାଇଁ, ଯାଜପୁର ଜିଲା ପ୍ରାକ୍ତନ ସଭାପତି ଧିରେନ୍ଦ୍ର କୁମାର ସାହୁ ଓ ଆଭାସ ମଜୁମଦାର୍ ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ଶୈବପୀଠ ମହାବିନାୟକ ଠାରେ ଭୋର୍ ୫ ଘଟିକା ଠାରୁ ଓଁ କାର, ସୁପ୍ରଭାତମ୍, ସେବା କାର୍ଯ୍ୟ, ସତ୍ୟସାଇ ବାବାଙ୍କ ସହସ୍ର ନାମାର୍ଚ୍ଚନା ଓ ଅଖଣ୍ଡ ଭଜନ କରାଯାଇ ଆରତୀ ଦିଆଯାଇଥିଲା।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ôଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ôଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ
ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ôଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଥକ୍ଷ୍ଣଙ୍କ୍ଷପ୍;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଥକ୍ଷପ୍; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ୍)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ôଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ôଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ôଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱାର୍କ ଓ ଆବଥକ୍ଷପ୍;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଥକ୍ଷପ୍;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ରେଳ ଧାରଣାରେ କଟି ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

ବଲାଙ୍ଗିର, ୧୨ ଜୁଲାଇ ମୁରିବାହାଲ ଥାନା ଅନ୍ତର୍ଗତ ମୁଟିବାହାଲ କଂଟାବାଞ୍ଜି ରେଲୱେ ସଲେପଡା ଭୂତଳ ପୋଲ ପାଖରେ ଦୁଇ ଜଣ ପ୍ରେମୀ ଯୁଗଳଙ୍କ ରେଳ ଧାରଣାରେ କଟି ମୃତ୍ୟୁ ହୋଇଛି। ମିଳିଥିବା ତଥ୍ୟ ଅନୁସାରେ, ଦୁଇ ପ୍ରେମୀ ଯୁଗଳଙ୍କ ମୃତଦେହ ରେଳ ଲାଇନ କଡରେ ପଡିଥିବା ଦେଖାଯାଇଛି। ଦୁହେଁ






# କେନ୍ଦୁଝର: ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପକୋର୍ଟ ଅନୁଷ୍ଠିତ



କେନ୍ଦୁଝର, (ପି.ଏନ): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରସାଶନର ସହଯୋଗରେ ଚଳିତ ଜୁଲାଇ ୧୩ ତାରିଖ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ଠାରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି । ଆୟୋଗର ଅଧକ୍ଷା ଡ. ମିନତୀ ବେହେରାଙ୍କ ଅଧକ୍ଷତାରେ କ୍ୟାମ୍ପ କୋର୍ଟ ପରିଚାଳିତ ହୋଇଥିଲା । ଆୟୋଗ ସଦସ୍ୟା ସ୍ନେହାଂଜଳି ମହାନ୍ତି ଏବଂ ଶ୍ରୀମତୀ ଆରତୀ ସିଂ କୋର୍ଟ ପରିଚାଳନାରେ ଅଧକ୍ଷାଙ୍କୁ ସହଯୋଗ କରିଥିଲେ । ଏହି ଶିବିରରେ ଉଦ୍ବୋଧନ ଦେଇ ଅଧକ୍ଷା ଡ. ମିନତୀ ବେହେରା କହିଥିଲେ ଯେ, ସମାଜରେ ସୁସ୍ଥ ବାତାବରଣ ଭିତରେ ମହିଳାମାନେ କିପରି ସମ୍ମାନର ସହ ଜୀବନ ଅତିବାହିତ କରିପାରିବେ ଏବଂ ନିଜର ସାମାଜିକ ଅଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ରାଜ୍ୟ ମହିଳା ଆୟୋଗ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଅତ୍ୟାଚାରକୁ କିପରି ପ୍ରତିହତ କରାଯାଇପାରିବ ସେ ଦିଗରେ ଆୟୋଗ ପଦକ୍ଷେପ ଗ୍ରହଣ କରୁଛି । ମହିଳାମାନେ ପାରିବାରିକ ହିଂସା, ନିର୍ଯାତନା, ଅତ୍ୟାଚାରର ଶୀକାର ହେଲେ କିପରି ଆୟୋଗଙ୍କ ନିକଟରେ ଅଭିଯୋଗ କରିପାରିବେ ଓ ସେଗୁଡ଼ିକର କିପରି ଶୁଣାଣି କରାଯାଉଛି ସେ ସମ୍ପର୍କରେ ଅବତାରଣା କରି ସମାଜରେ ସନ୍ତୁଳନ ରକ୍ଷା ପାଇଁ ପରିବାରକୁ ସଜାଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିବାରରେ ମନୋମାଳିନ୍ୟ, କଳି ତକରାଳ ଥାଏ କିନ୍ତୁ ପାରସ୍ପରିକ ବୁଝାମଣା ଜରିଆରେ ଏସବୁର ସମାଧାନ କରାଯାଇ ସୁଖ ସ୍ୱାଚ୍ଛନ୍ଦ୍ୟ ପାରିବାରିକ ଜୀବନ ପ୍ରତିଷ୍ଠା ପାଇଁ ମହିଳା ଆୟୋଗ କାର୍ଯ୍ୟ କରୁଛି । ଏଥିନିମନ୍ତେ ଉଭୟ ପକ୍ଷ ମଧ୍ୟରେ ସକରାତ୍ମକ ମନୋଭାବ ରହିବା ନିହାତି ଆବଶ୍ୟକ ବୋଲି ଅଧକ୍ଷା ଡ. ବେହେରା କହିଥିଲେ । ଏସ୍.ପି. ମିତ୍ରଭାନୁ ମହାପାତ୍ର ଏହି ଶିବିରରେ ଉଦ୍ବୋଧନ ଦେଇ କହିଥିଲେ ଯେ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ରାଜ୍ୟ ମହିଳା ଆୟୋଗ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ପାରିବାରିକ କଳହ ଓ ମହିଳାମାନଙ୍କ ପ୍ରତି ହେଉଥିବା ହିଂସା ଏବଂ ନିର୍ଯ୍ୟାତନା ପାଇଁ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥାଏ । ଏହାର ଆପୋଷ ବୁଝାମଣା ଜରିଆରେ ସମାଧାନ କରି ପାରିବାରିକ ଜୀବନରେ ସୁଖଶାନ୍ତି ପ୍ରତିଷ୍ଠା ପାଇଁ ମହିଳା ଆୟୋଗ କାର୍ଯ୍ୟ କରୁଛନ୍ତି । କ୍ଷେତ୍ର ପରିଦର୍ଶନ ସମୟରେ ଆୟୋଗ ମହିଳାମାନଙ୍କର ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ପାଇଁ ଦେଉଥିବା ପରାମର୍ଶ ଓ ପ୍ରସ୍ତାବ ପାଳନ କରାଯିବ ବୋଲି ଏସ୍.ପି. ଶ୍ରୀ ମହାପାତ୍ର କହିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ ରାଜ୍ୟ ମହିଳା ଆୟୋଗ କେନ୍ଦୁଝରଠାରେ କ୍ୟାମ୍ପ୍ କୋର୍ଟ୍ ଆୟୋଜନ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଜୟଶ୍ରୀ ବେଉରା ଏହି ଶିବିରରେ ଉପସ୍ଥିତ ଥିଲେ । ଏହି କ୍ୟାମ୍ପକୋର୍ଟରେ ମିଳିଥିବା ଅଭିଯୋଗ ମଧ୍ୟରୁ ୪୫ଟି ଅଭିଯୋଗର ଶୁଣାଣି ପାଇଁ ନୋଟିସ୍ ଜାରି କରାଯାଇଥିବାବେଳେ ୦୭ଟି ମାମଲାର ଉଭୟ ପକ୍ଷ ଉପସ୍ଥିତ ଥିଲେ । ୧୩ଟି ମାମଲାରେ କେବଳ ଅଭିଯୋଗକାରୀ ଉପସ୍ଥିତ ଥିବାବେଳେ ୦୫ଟି ମାମଲାରେ କେବଳ ପ୍ରତିପକ୍ଷ ଉପସ୍ଥିତ ଥିଲେ । ସମୁଦାୟ ୨୫ଟି ପକ୍ଷ ହାଜିର ହୋଇଥିଲେ । ସୂଚନାଯୋଗ୍ୟ ଯେ, ୦୬ଟି ମାମଲା ଉଭୟ ପକ୍ଷଙ୍କ ମଧ୍ୟରେ ମିଳିତ ଆଲୋଚନା ଓ ଆପୋସ ବୁଝାମଣା ଜରିଆରେ ଫଇସଲା କରାଯାଇଥିଲା । ୦୨ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ଏବଂ ୦୨ଟି ମାମଲା ସୁରକ୍ଷା ଅଧିକାରୀଙ୍କୁ ସୁପାରିଶ କରାଯାଇଥିଲା । ୧୫ଟି ମାମଲାରେ ପକ୍ଷମାନଙ୍କୁ ପୁର୍ନବାର ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଆୟୋଗର ଆଇନ୍ ଅଧିକାରୀ ଅରବିନ୍ଦ ପଟ୍ଟନାୟକ, ଆୟୋଗ କର୍ମକର୍ତା ଦେବାଶିଷ ମହାନ୍ତି, ଉମାକାନ୍ତ ସାହୁ, ଦିବାକର ବିଶ୍ୱାଳ, ତ୍ରିଲୋଚନ ନାୟକ, ସୂର୍ଯ୍ୟକାନ୍ତ ପାତ୍ର ଏବଂ ଚିତରଂଜନ ସାହୁ ପ୍ରମୁଖ କ୍ୟାମ୍ପ କୋର୍ଟ ପରିଚାଳନାରେ ସହଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଆୟୋଗର ଅଧକ୍ଷା ଓ ସଦସ୍ୟା କ୍ୟାମ୍ପ୍ କୋର୍ଟ ପୂର୍ବରୁ ଜିଲ୍ଲା କାରାଗାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତୀ ବିଭାଗ, ସଖୀ ୱାନ୍‌ଷ୍ଟପ୍ ସେଂଟର ଏବଂ ସ୍ୱଧାର ଗୃହ ପରିଦର୍ଶନ କରି ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧାସୁଯୋଗର ତଦାରଖ କରିଥିଲେ ।

## ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସଦେବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା,(ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବୁଧବାର ଜାରକାସ୍ଥିତ ଗାର୍ଡ କାର୍ଯ୍ୟଳୟ ପରିସରରେ ସ୍ତମ୍ଭକାର ନବଘନ ଜେନାଙ୍କ ସଭାପତିତ୍ୱରେ ବ୍ୟାସଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅତିଥି ଭାବେ ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ଶିକ୍ଷାବିତ ବେଣୁଧର ନାୟକ ଯୋଦେଇ ବ୍ୟାସଦେବ ଭାଗବତ, ଗୀତା,ଅଷ୍ଟାଦଶ ପୁରାଣ ଓ ମହାଭାରତ କାବ୍ୟର ରଚୟିତାଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପରୋପକାର କଲେ ସ୍ୱର୍ଗପ୍ରାପ୍ତି ହୁଏ ଏବଂ ପରକୁ ପୀଡ଼ା ଦେଲେ ନର୍କଗାମୀ ହେବାକୁ ପଡିଥାଏ ବୋଲି ତାଙ୍କ ଦ୍ୱାରା ରଚିତ ଅଷ୍ଟାଦଶ ପୁରାଣର ସାରାଂଶ ଜଣାଯାଏ । ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅର୍ଜୁନ ପୃଷ୍ଟି, ସବିତା ମିଶ୍ର, ଗୋଲକ ଚନ୍ଦ୍ର ପଲେଇ, ସରୋଜିନୀ ପଣ୍ଡା, ବ୍ୟାସଦେବାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶେଷରେ ସତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ୍ ଟ୍ରକ୍ ପାର୍କିଙ୍ଗ,ପ୍ଲାଷ୍ଟିକ ଓ ମାସ୍କ ପରିଧାନ ପରିଧାନ ପାଇଁ ନିବେଦନ କଲା ପୌରପାଳିକା

ପାରାଦୀପ, (ପି.ଏନ): ପାରାଦୀପ ଦୋଛକି ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାକଡରେ ଭାରିଯାନ ବେଆଇନ୍ ଭାବେ ପାର୍କିଙ୍ଗ କାରଣରୁ ଦୂର୍ଘଟଣା ଘଟି ବହୁ ଜୀବନ ଅକାଳେ ଝଡି ପଡୁଛି । ଏହାକୁ ଦୃଷ୍ଟିରେ ରଖି ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଜିଲ୍ଲା ପ୍ରଶାସନ ନିକଟରେ ଏଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବୀ ଜଣାଇଥିଲେ । ଜିଲ୍ଲା ପ୍ରଶାସନ ଟ୍ରକ୍ ପାର୍କିଙ୍ଗ ପାଇଁ ଦୋଛକି ନିକଟରେ ସ୍ଥାନ ନିରୂପଣ କରିଥିବା ନେଇ ଜିଲ୍ଲା ପ୍ରଶାସନ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲା ଏବଂ ବେଆଇନ୍ ପାର୍କିଙ୍ଗ ହଟେଇବା ଓ ବେଆଇନ୍ ଜବରଦଖଲ ପାଇଁ ପଦକ୍ଷେପ ନେଉଥିବା ସୂଚନା ଦେଇଥିଲା । ଏହିକ୍ରମରେ ବୁଧବାର ଦିନ ପାରାଦୀପ ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସର୍ବସାଧାରଣଙ୍କୁ ସୂଚିତ କରାଯାଇଛି । ଏଥିରୁ ନିବୃତ ନହେଲେ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବାକୁ ଘୋଷଣା କରାଯାଇଛି । ଏଥି ସହିତ ରାଜ୍ୟ ସରକାର ଚଳିତ ଜୁଲାଇ ୧ ତାରିଖରୁ ଏକକ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ ଘୋଷଣା କରିଛନ୍ତି । ପାରାଦୀପ ସହରରେ ଏକକ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ଲଗାଯାଇଛି । ଏହାର ବିକ୍ରି ଓ ବ୍ୟବହାରକାରୀ ଯଦି ଧରା ପଡନ୍ତି ତେବେ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବା ନେଇ ଘୋଷଣା କରାଯାଇଛି । ରାଜ୍ୟ ତଥା ଦେଶରେ ଏବେ କରୋନା ଭୂତାଣୁର ସଂକ୍ରମଣ ବୃଦ୍ଧି ପାଉଛି ଏଣୁ ଏହାକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ଜନସାଧାରଣଙ୍କୁ ମାସ୍କ ବ୍ୟବହାର କରିବା, ନିୟମିତ ହାତ ଧୋଇବା ସହିତ ଜନଗହଳୀ ସ୍ଥାନରେ ସାମାଜିକ ଦୂରତା ବଜାୟ ରଖିବାକୁ ସୂଚନା ଦିଆଯାଇଛି । କୌଣସି ସ୍ଥାନରେ ଜନଗହଳି ନକରିବା ଓ ଜନଗହଳି ସ୍ଥାନରୁ ଦୂରେଇ ରହିବାକୁ ପୌର ପାଳିକା ପକ୍ଷରୁ ପାରାଦୀପବାସୀଙ୍କୁ ନିବେଦନ କରାଯାଇଛି ।

# କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକାରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ କର୍ମବୀର ଗୌରୀଶଙ୍କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳ ଯୋଗଦେଇ କର୍ମବୀର ଗୌରୀଶଙ୍କରଙ୍କର ଓଡିଆ ସାହିତ୍ୟକୁ ଆଧୁନିକ ଓ ଶକ୍ତିଶାଳୀ କରିବା ଦିଗରେ ନିରବଚ୍ଛିନ୍ନ ସାଧନା ରହିଥିଲା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ଯୋଗଦେଇ ଗୌରୀଶଙ୍କର ସମାଜ ସଂସ୍କାର ଠାରୁ ଆରମ୍ଭ କରି ଓଡିଆ ବିରୋଧି ଶକ୍ତିମାନଙ୍କର ଦୃଢ ମୁକାବିଲା କରିଥିଲେ । ଯାହା ତାଙ୍କ ଦ୍ୱାରା ପ୍ରକାଶିତ ଉତ୍କଳ ଦୀବିକା ପତ୍ରିକାରୁ ଜଣାପଡେ ବୋଲି ସୂଚନା ଦେଇଥିଲେ । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିଲେ । କବି ବ୍ରଜ କିଶୋର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତାପରୁଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ରଦୀପ ସାମଲ, ସନ୍ତୋଷ ତରାଇ, ଅଧ୍ୟାପକ ବିଜୟ କୁମାର ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଆସନ୍ତା ୧୭ ତାରିଖ ପୂର୍ବାହ୍ନରେ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ମହେଶ୍ୱର ପାଢୀଙ୍କ ସମ୍ପାଦନାରେ ରବିନ୍ଦ୍ର ଭାରତୀ ପୁସ୍ତକ ଓ ଗୋକର୍ଣ୍ଣିକା ବିଶେଷ ସଂଖ୍ୟା ଲୋକାର୍ପଣ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡ. ସତ୍ୟପ୍ରିୟ ମହାଳିକ, ପ୍ରଫେସର ଶିରିଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ବାସନ୍ତୀ ମହାନ୍ତି ପ୍ରମୁଖ ଯୋଗଦେବେ ବୋଲି ସମ୍ପାଦକ ଶ୍ରୀ ସାମଲ ସୂଚନା ଦେଇଥିଲେ । ଅଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମେରିକାର ମାସାଚ୍ୟୁଟସ ଠାରେ ନୀଳାଦ୍ରି ବିଜେ ଆୟୋଜନ

ମାସାଚ୍ୟୁଟସ, (ପି.ଏନ), ଆମେରିକାର ମାସାଚ୍ୟୁଟସ ଠାରେ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା, ବାହୁଡ଼ା ପର୍ବ, ସୁନାବେଶ ଏବଂ ନୀଳାଦ୍ରି ବିଜେ ଆଦି ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ନିଉ ଇଂଲଣ୍ଡ ନିବାସୀ ଓଡ଼ିଆ ସମ୍ପ୍ରଦାୟ ଏବଂ ନିଉ ଇଂଲଣ୍ଡ ଶିରିଡ଼ି ସାଇ ପରିବାରର ମିଳିତ ସହଯୋଗରେ ଏହି ମହୋତ୍ସବ ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ ଗ୍ରେଟର ବୋଷ୍ଟନର ଗ୍ରୋଟନସ୍ଥିତ ୯୯ନଂ ଶିରିଡ଼ି ୱେ ଠାରେ ଅବସ୍ଥିତ ନିଉ ଇଂଲଣ୍ଡ ଶିରିଡ଼ି ସାଇ ମନ୍ଦିରରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କ ସାମ୍ନାରେ ମୁଖ୍ୟ ପୂଜାରୀ ପବନ ଆଚାର୍ଯ୍ୟଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ନୀତିକାନ୍ତି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା । ଏହି ଉତ୍ସବରେ ବୋଷ୍ଟନ, ମାସାଚ୍ୟୁଟସ ତଥା ନିକଟବର୍ତ୍ତୀ ରାଜ୍ୟ ଯଥା ରୋଡସ ଆଇଲ୍ୟାଣ୍ଡ, କନେକ୍ଟିକଟ, ନିଉ ହାମ୍ପସାୟାର ଏବଂ ମେନ ଠାରେ ବସବାସ କରୁଥିବା ପ୍ରାୟ ୫୦୦ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତମାନେ ଆସି ଯୋଗ ଦେଇଥିବା ଦେଖାଯାଇଥିଲା । ଏଠାରେ ଅପରାହ୍ନରେ ଦିଅଁ ମାନଙ୍କୁ ପହଣ୍ଡି କରାଯାଇ ସୁନ୍ଦର, ସୁଶୋଭିତ ଏବଂ ବିଭିନ୍ନ ରଙ୍ଗବେରଙ୍ଗର କପଡ଼ା ତଥା ପିପିଲି ଚାନ୍ଦୁଆରେ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ମନ୍ଦିରର ଟ୍ରଷ୍ଟି ନିରଞ୍ଜନ ସେନାପତିଙ୍କର ତତ୍ତ୍ୱାବଧାନରେ ଆମେରିକୀୟ ବଢେଇ ଏହି ରଠଟିକୁ ନିର୍ମାଣ କରିଥିବା ଜଣାଯାଇଛି । ଉପସ୍ଥିତ ଭକ୍ତମାନେ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ । ଶ୍ରଦ୍ଧାଳୁ ମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ର ଗହଗହ ନାଦ ତଥା ଭଜନ, କୀର୍ତ୍ତନ ଏବଂ ଓଡ଼ିଶୀ ନୃତ୍ୟର ମୃଦୁ୍ୟମନ୍ଦ ଝଙ୍କାର ମଧ୍ୟରେ ରଥଟିକୁ ମନ୍ଦିର ବେଢ଼ାର ଚାରିପଟେ ଦୁଇ କିଲୋମିଟର ପର୍ଯ୍ୟନ୍ତ ଟଣାଯାଇ ପୁଣି ସାଇ ମନ୍ଦିର ପରିସରକୁ ଫେରାଇ ଅଣାଯାଇଥିଲା । ମାସାଚ୍ୟୁଟସର ରାଜରାସ୍ତାରେ ରାଜକୀୟ ଢଙ୍ଗରେ ରଥାରୂଢ଼ ଜଗତର ନାଥ ଜଗନ୍ନାଥଙ୍କର ଯାତ୍ରା ଏବଂ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା । ମନ୍ଦିର ପାର୍ଶ୍ୱକୁ ଫେରିବା ପରେ ଠାକୁର ମାନଙ୍କୁ ରୋଷଣୀ କରାଯାଇ ଭିତରକୁ ନିଆଯାଇ ରତ୍ନସିଂହାସନରେ ଆସୀନ କରାଯାଇଥିଲା । ସନ୍ଧ୍ୟାରେ ଦିଅଁ ମାନଙ୍କୁ ପୁରୀର ସୁନାବେଶ ଶୈଳୀରେ ସଜାଯିବା ପରେ ଆଳତି ଅନୁଷ୍ଠିତ ହୋଇଥିଲା । ରଥ ଉତ୍ସବରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଚାରି ଦେବତାଙ୍କ ସୁନା ବେଶ ସମୟରେ ଶ୍ୟାମା ଗୁନ୍ଦଳା, ସୁନୀତା ଗୁନ୍ଦଳା, ସୁଧା ମିଶ୍ର, ଦିଲ୍ଲୀପ ପ୍ରଧାନ ଏବଂ ରାଗେଶ୍ୱରୀ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ସୁମଧୁର ଭଜନ ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଏହି ଅବସରରେ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ଜୟଶ୍ରୀ କର ଏବଂ ମୌଲି ପାଲଙ୍କର ଶିକ୍ଷ୍ୟା ମାନଙ୍କଦ୍ୱାରା ପରିବେଷିତ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ଉତ୍ସବରେ ଶାସ୍ତ୍ରୀୟ ନୃତ୍ୟ ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରି ସେମାନଙ୍କର ଅନନ୍ୟ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିବା କଳାକାରମାନଙ୍କ ମଧ୍ୟରେ ଶ୍ୟାମଳା ବାଙ୍ଗାଲୋର, ଅନୁଶା ମୁକୁନ୍ଦ, ଶ୍ରୁତି ନଞ୍ଜାଗୁଡ଼, ମୀରା ପାଟିଲ, ଜୟନ୍ତୀ ଘଟରାଜୁ, ନିଥିଲା କୃଷ୍ଣକୁମାର, ରୁତା ସିନ୍ଧ ? ଏବଂ ଶ୍ରୁତିଲକ୍ଷ୍ମୀ ନାରାୟଣ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ସାଂସ୍କୃତିକ ଅଧିବେଶନକୁ ବିଶ୍ୱ ଭୂଷଣ ସାହୁ ଏବଂ ରଶ୍ମି ରଞ୍ଜନ ରଥ ଦକ୍ଷତାର ସହିତ ଉପସ୍ଥାପନା ଓ ସଂଯୋଜନା କରିଥିଲେ । ରଥଯାତ୍ରାର ପ୍ରଧାନ ଆକର୍ଷଣ ପୁରୀର ଆନନ୍ଦବଜାର ଢଙ୍ଗରେ ପ୍ରସ୍ତୁତ ଛପନ ଭୋଗ ଥିଲା । ସୁଜାତା ଧଳଙ୍କର ମାର୍ଗଦର୍ଶନରେ ମନ୍ଦିରର ପାକଶାଳାରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ବନାଯାଇଥିବା ଏହି ସ୍ୱାଦିଷ୍ଟ ମହାପ୍ରସାଦକୁ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା । ସମଗ୍ର ଅୟୋଜନକୁ ସୂଚାରୁ ରୂପେ ସମ୍ପାଦନା ଏବଂ ବ୍ୟାପକ ଭାବେ ସଫଳ କରାଇବାରେ ମୁଖ୍ୟ ସଙ୍ଗଠକ ମାନଙ୍କ ମଧ୍ୟରେ ମହେନ୍ଦ୍ର ସିଂହ, ନୀଳକଣ୍ଠ ମିଶ୍ର, ସନ୍ଦୀପ କୌସିକ୍, ସୂର୍ଯ୍ୟ କୋଡୁକୁଲା, ଚେନ୍ନା କେଶବ, ନିରଞ୍ଜନ ସେନାପତି, ପ୍ରଦୀପ ଧଳ, ବିଶ୍ୱ ଭୂଷଣ ସାହୁ, ଅରୁଣ ମହାନ୍ତି, ଜୟଶ୍ରୀ ପଟେଲ, କୁମାର ପଟୁଲା, ରାଜେଶ ସିଂହ, ନିଶିକାନ୍ତ ଭଦ୍ର, ଦିଲ୍ଲୀପ ବେହେରା, ସୁଜାତା ଧଳ, ନିଶିକାନ୍ତ ସାହୁ, ବିଜୟ ବଳ, ଅମଳ ଦତ୍ତ ଏବଂ ନଗେନ୍ଦ୍ର ନାଙ୍ଗୀ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା ।

# ୧୬ ଜୁଲାଇ ଶନିବାର ଦିନ ଦେଶବ୍ୟାପୀ ବାଣିଜ୍ୟ ବନ୍ଦ ପାଇଁ ଆହ୍ୱାନ ବ୍ୟବସାୟୀମାନେ ମୋଦୀ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବେ




ନୂଆଦିଲ୍ଲୀ,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜିଏସଟି ନୀତି ବିରୋଧରେ ୧୬ ଜୁଲାଇରେ ଭାରତୀୟ ଉଦ୍‌ଯୋଗ ବ୍ୟାପାର ମଣ୍ଡଳ ପକ୍ଷରୁ ସମଗ୍ର ଭାରତ ବନ୍ଦ ଡାକରା ଦିଆଯାଇଛି । ଜୁଲାଇ ୧୪, ଗୁରୁବାର ଦିନ ଏହି ସ୍ମାରକପତ୍ରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭାରତର ଜିଲ୍ଲା ମୁଖ୍ୟାଳୟ, ଟାଉନ ମୁଖ୍ୟାଳୟର ଅଧିକାରୀଙ୍କ ନିକଟକୁ ହସ୍ତାନ୍ତର କରାଯିବ । ସୂଚ଼ନାଯୋଗ୍ୟ ଯେ ଜୁନ୍ ମାସର ଶେଷ ସପ୍ତାହରେ, ଚଣ୍ଡିଗଡ଼ରେ ଜିଏସଟି ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ଜିଏସଟି ପରିଷଦ ବୈଠକରେ ସରକାର ଜୁଲାଇ ୧୮ ରୁ ସାରା ଦେଶରେ ବ୍ରାଣ୍ଡେଡ୍ ଖାଦ୍ୟ ସାମଗ୍ରୀ ଉପରେ ୫% ଜିଏସ୍ଟି ଟ୍ୟାକ୍ସ ସଂଗ୍ରହ କରିବେ ବୋଲି ପ୍ରସ୍ତାବ ପାରିତ ହୋଇଛି । ଗହମ, ମଇଦା, ଡାଲି, ଚାଉଳ, ଗୁଣ୍ଡ, ମହୁ ଇତ୍ୟାଦି ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ୫% ଜିଏସଟି ସ୍ଲାବରେ ଆସେ ଦେଶର ବିଭିନ୍ନ ବ୍ୟବସାୟିକ ସଂଗଠନ ଯୁକ୍ତି କରନ୍ତି ଯେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଭାରତରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ, ସାଧାରଣ ଲୋକ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନାବଶ୍ୟକ, ଦେଶରେ ଅରାଜକତା ମଧ୍ୟ ବ୍ୟାପିପାରେ । କ୍ଷୁଦ୍ର, ବଡ, ମଧ୍ୟମ ବ୍ୟବସାୟୀ, ଶିଳ୍ପପତି, ଖୁଚୁରା ବ୍ୟବସାୟୀଙ୍କୁ କେନ୍ଦ୍ର ସରକାରଙ୍କ ଏହି ପ୍ରସ୍ତାବିତ ପଦକ୍ଷେପ ଯୋଗୁଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ, ଯେଉଁଥିପାଇଁ ଲୋକମାନେ ମହଙ୍ଗା ପଡିବେ । ନୈକ ଜିନିଷ, ଅସନ୍ତୋଷ ସମଗ୍ର ଦେଶରେ ବ୍ୟାପିଯିବ, ସରକାରମାନେ ଅଧିକ ରାଜସ୍ୱ ପାଇବେ ନାହିଁ ଙ୍କେବଳ ଜିଏସଟି ଅଧିକାରୀମାନେ ଏହି ସୁବିଧା ପାଇବେ, ସେମାନଙ୍କ ପକେଟ ମଧ୍ୟ ପୂରଣ ହେବ । ସରକାର ମଧ ବଦନାମ ହେବାର ବିପଦରେ ଅଛନ୍ତି, ତେଣୁ ଭାରତୀୟ ଶିଳ୍ପ ବୋର୍ଡ ଅଫ୍ ବିଜିନେସ୍ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛି ଯେ ଲୋକ ବିରୋଧୀ ଜିଏସଟି ବୃଦ୍ଧି ପାଇଁ ଟିକସ ପ୍ରତ୍ୟାହାର କରନ୍ତୁ । ଜନସାଧାରଣ, ବିନା ବିଳମ୍ବରେ କ୍ଷଯଦି ସରକାର କଥା ନ ଶୁଣନ୍ତି ତେବେ ୧୪ ତାରିଖରୁ ସ୍ଥାନରୁ ସ୍ମାରକପତ୍ର ଦାଖଲ କରାଯିବ ଏବଂ ଭାରତରେ ସମସ୍ତ ପ୍ରକାର ବ୍ୟବସାୟ ବନ୍ଦ ରହିବ ଭାରତୀୟ ଶିଳ୍ପ ବୋର୍ଡର ବରିଷ୍ଠ ନେତା ପ୍ରହ୍ଲାଦ ଖଣ୍ଡେଲୱାଲ (ଅଧକ୍ଷ ଶାସକ) ଶ୍ୟାମ ସୁନ୍ଦର ପୋଦ୍ଦାର (ସଚ଼ିବ) ରାଜେଶ ଅଗ୍ରୱାଲ (ଅର୍ଗ, ସଚ଼ିବ) ଏବଂ ପଦ୍ମ ଭବସିଙ୍କା, ମହେନ୍ଦ୍ର ଅଗ୍ରୱାଲ, ହନୁମାଲ ସିଙ୍ଗୀ, ପ୍ରଭାସ ରାଉତଙ୍କ ମାଧ୍ୟମରେ ଆମେ ଉପରୋକ୍ତ ସମସ୍ତ ସୂଚ଼ନା ପାଇଛୁ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray